୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.60 Bhubaneswar Tuesday April 09 2024 | ୨୬ତମ ବର୍ଷ ସଂଖ୍ୟା–୬୦ ଭୁବନେଶ୍ୱର, ମଙ୍ଗଳବାର, ଅପ୍ରେଲ ୦୯, ୨୦୨୪ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

# ପୁତ୍ରମୋହରେ ନୀତିଭ୍ରଷ୍ଟ ସୁର ଓ ବିଜୟ: କାର୍ଯ୍ୟାନୁଷ୍ଠାନ ନେଇପାରୁନି କଂଗ୍ରେସ ଓ ବିଜେପି





ଭୁବନେଶ୍ୱର,୮।୪(ପି.ଏନ): ନୀତି ଆଦର୍ଶର ଦ୍ୱାହି ଦେଉଥିବା ରାଜ୍ୟର ଦୁଇ ବରିଷ୍ଠ ନେତା ବିଜୟ ମହାପାତ୍ର ଓ ସୁରେଶ କୁମାର ରାଉତରାୟ ଏବେ ପୁତ୍ରମୋହରେ ଅନ୍ଧ ହୋଇପଡିଛନ୍ତି । ନିଜର ସମ୍ପୂର୍ଣ୍ଣ ରାଜନୀତିକ ଜୀବନରେ ଯେଉଁ କିଛି ନୀତି,ଆଦର୍ଶ ଓ ମୂଲ୍ୟବୋଧ ରଖିଥିଲେ ତାକୁ ଏବେ ଏହି ଦୁଇ ନେତା ବଳି ପକାଇ ସାରିଲେଣି । ରାଜ୍ୟବାସୀଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ସୁର ରାଉତରାୟ ନିଜକୁ ସଚ୍ଚା କଂଗ୍ରେସୀ ନେତା ବୋଲି କହୁଥିଲେ ବି ବିଜେଡି ସାଂସଦ ପ୍ରାର୍ଥୀ ସାନପୁଅ ମନ୍ମଥ ପାଇଁ ପ୍ରଚାରରେ ମାତିଛନ୍ତି । ଏପଟେ ନିଜର କଟ୍ଟରବିରୋଧୀ ନବୀନ ପଟ୍ଟନାୟକଙ୍କ ଦଳ ବିଜେଡିରେ ପୁଅ ଅରବିନ୍ଦଙ୍କୁ ମିଶାଇ ପାଟକୁରା ଆସନରୁ ଟିକେଟ୍ ଦେବାରେ ପ୍ରମୁଖ ଭୂମିକା ନେଇଥିବା ବିଜୟ ଏବେ 'ଚୂଟୁ ନିରାମିଷ, ବେଂଟ ଆମିଷ' ଭଳି ଆଚରଣ କରୁଥିବା ଜଣାପଡିଛି । ତେବେ ଆଶ୍ଚର୍ଯ୍ୟର କଥା ଏହି ଦୁଇ ବରିଷ୍ଠ ନେତା ନିଜ ନିଜ ଦଳର ଶୃଙ୍ଖଳାକୁ ଭାଙ୍ଗି ପୁଅ ପାଇଁ ବିଜେଡି ବ୍ୟାନରରେ ପ୍ରଚାର କରୁଥିଲେ ମଧ୍ୟ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ସୁରଙ୍କ ଦଳ କଂଗ୍ରେସ ଓ ବିଜୟଙ୍କ ଦଳ ବିଜେପି ସକ୍ଷମ ହୋଇପାରିନି । ସୂଚନା ଅନୁସାରେ, ବରିଷ୍ଠ ନେତା ସୁର ରାଉତରାୟ ନିଜର ସଚ୍ଚୋଟ କଂଗ୍ରେସ ନେତା ବୋଲି ଦାବି କରି ମୃତ୍ୟୁ ପର୍ଯ୍ୟନ୍ତ କଂଗ୍ରେସରେ ରହିବେ ବୋଲି ଗଣମାଧ୍ୟମରେ କହି ହେଉଛନ୍ତି । ମାତ୍ର ସୁରଙ୍କ ଆଚରଣ ଓ ଉଚ୍ଚାରଣରେ ଆକାଶ ପାତାଳ ତଫାତ୍ ଦେଖିବାକୁ ମିଳୁଛି । ବାରମ୍ବାର ବୟାନ ବଦଳାଉଥିବା ସୁର ନିଜ ସାନପୁଅ ମନ୍ମଥଙ୍କ ପାଇଁ ପ୍ରଚାର କରିବାକୁ ପଛାଉ ନାହାନ୍ତି । କଂଗ୍ରେସ ତାଙ୍କୁ ୨ଥର କାରଣଦର୍ଶାଅ ନୋଟିସ୍ ଦେଇଥିଲେ ମଧ୍ୟ ସେ ତାକୁ ଭୃକ୍ଷେପ ନକରି ବିଜେଡି ସାଂସଦ ପ୍ରାର୍ଥୀ ସାନପୁଅ ମନ୍ମଥ ପାଇଁ ପ୍ରଚାର କରୁଛନ୍ତି । ତେବେ ବାରମ୍ବାର ନିଜର ମତ ବଦଳାଉଥିବା ଏଭଳି ଜଣେ ନୀତିଭ୍ରଷ୍ଟ ବରିଷ୍ଠ ନେତାଙ୍କ ବିରୁଦ୍ଧରେ କଂଗ୍ରେସ କାହିଁକି କାର୍ଯ୍ୟାନୁଷ୍ଠାନ ନେଉନି ତାକୁ ନେଇ ଦଳୀୟ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଲାଣି । ସୁର ନିଜ ପୁଅ ପାଇଁ ଭୁବନେଶ୍ୱର-ଉତ୍ତର, ଜୟଦେବ, ଜଟଣୀ ଓ ଭୁବନେଶ୍ୱର-ମଧ୍ୟ ନିର୍ବାଚନ ମଣ୍ଡଳୀରେ ପ୍ରଚାର କରୁଛନ୍ତି । ସୁରଙ୍କ ଏଭଳି ନୀତି ଓ ଆଦର୍ଶବିହୀନ ଆଚରଣକୁ ସାଧାରଣ ଲୋକେ ଏପରିକି ତାଙ୍କର ସମର୍ଥକମାନେ ବି ନାପସନ୍ଦ କରିଛନ୍ତି । ଆଉ ସୁରଙ୍କ ପୁଅକୁ ଟିକେଟ୍ ଦେଇ ବିଜେଡି ଯେଉଁ ରାଜନୀତିକ ସମୀକରଣ ଓ ଫାଇଦା ନେବାକୁ ପ୍ରୟାସ କରୁଥିଲା ତାହା ଏବେ ବୁମେରାଂ ହେବାରେ ଲାଗିଲାଣି । ନିର୍ବାଚନ ପ୍ରଚାରବେଳେ ସୁରଙ୍କ ପୁଅ ମନ୍ମଥଙ୍କୁ ସାଧାରଣ ଭୋଟରଙ୍କ ପ୍ରଶ୍ନବାଣର ସମ୍ମୁଖୀନ ହେବାକୁ ପଡିବା ପରେ ସୁର ଖୋଲାଖୋଲି ଭାବେ ଗଣମାଧ୍ୟମକୁ ଆସି ସାଧାରଣ ଭୋଟରଙ୍କୁ ଧମକାଇବାକୁ ପଛାଇ ନାହାନ୍ତି । ତାଙ୍କ ସାନପୁଅ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛି । ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ଯିଏବି ଭୟଭୀତ କରିବ ଅବା ଧମକାଇବାକୁ ପ୍ରୟାସ କରିବ ସେ ନିଜେ ତା'ଉପରେ ମାତ୍ର ୩ଘଣ୍ଟା ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି । ସୁରଙ୍କ ଏଭଳି ଚେତାବନୀ ପରୋକ୍ଷରେ ଭୋଟରଙ୍କୁ ଭୟଭୀତ କରାଇବାକୁ ଉଦ୍ଦିଷ୍ଟ ହୋଇଥିଲେ ବି ନିର୍ବାଚନ କମିଶନ ନିରବ ରହିଛନ୍ତି ।

## ଦିଲ୍ଲୀ ହାଇକୋର୍ଟରୁ ମିଳିଲା ଆଶ୍ୱସ୍ତି: ବିଜେପି ଟିକେଟରେ ନିର୍ବାଚନ ଲଢ଼ିପାରନ୍ତି ଦିଲ୍ଲୀପ ରାୟ



ଭୁବନେଶ୍ୱର,୮।୪(ପି.ଏନ):ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ରାଜ୍ୟର ବରିଷ୍ଠ ନେତା ଦିଲ୍ଲୀପ ରାୟଙ୍କୁ ଆଶ୍ୱସ୍ତି । ସେ ୨୦୨୪ ସାଧାରଣ ନିର୍ବାଚନରେ ବିଜେପି ଟିକେଟରେ ପୁଣିଥରେ ରାଉରକେଲାରୁ ନିର୍ବାଚନ ଲଢ଼ିବାର ସମ୍ଭାବନା ରହିଛି । କୋଇଲା ଦୁର୍ନୀତି ମାମଲାରେ ଦିଲ୍ଲୀପ ୨୦୨୦ ଅକ୍ଟୋବର ୨୬ରେ ଟ୍ରାଏଲ କୋର୍ଟରେ ଦୋଷୀ ସାବ୍ୟସ୍ତ କରାଯିବା ଉପରେ ଦିଲ୍ଲୀ ହାଇକୋର୍ଟ ଆଜି ରହିତାଦେଶ ଜାରି କରିଛନ୍ତି । ଦିଲ୍ଲୀପଙ୍କୁ ଏହି କୋଇଲା ଦୁର୍ନୀତି ମାମଲାରେ ସିବିଆଇ କୋର୍ଟ ୩ବର୍ଷର ଜେଲ ଦଣ୍ଡାଦେଶ ଓ ୧୦ଲକ୍ଷ ଟଙ୍କାର ଜୋରିମାନା ଧାର୍ଯ୍ୟ ହୋଇଥିଲା ।ଦିଲ୍ଲୀପଙ୍କ ଆବେଦନ ଉପରେ ଦିଲ୍ଲୀ ହାଇକୋର୍ଟ ବିଚାରପତି ଜଷ୍ଟିସ ସ୍ୱରନ କାନ୍ତ ଶର୍ମା ଶୁଣାଣି କରି ଏପ୍ରିଲ ୫ତାରିଖରେ ତାଙ୍କର ରାୟକୁ ସଂରକ୍ଷିତ ରଖିଥିଲେ । ଆଜି ଏହି ରାୟ ପ୍ରକାଶ ପାଇଛି । ଦିଲ୍ଲୀ ହାଇକୋର୍ଟଙ୍କ ୱେବସାଇଟରେ ଏହି ରାୟ ଉଲ୍ଲେଖ ରହିଛି । ଦିଲ୍ଲୀପ ତାଙ୍କ ଆବେଦନରେ ନିର୍ବାଚନ ଲଢ଼ିବା ପାଇଁ ଇଚ୍ଛା ବ୍ୟକ୍ତ କରି ସିବିଆଇ କୋର୍ଟ ଦ୍ୱାରା ଦୋଷୀସାବ୍ୟସ୍ତ କରାଯିବା ଓ ଦଣ୍ଡାଦେଶ ଉପରେ ରହିତାଦେଶ ନିମନ୍ତେ ଅନୁରୋଧ କରିଥିଲେ ।ଜଷ୍ଟିସ ଶର୍ମା ତାଙ୍କ ରାୟରେ କହିଛନ୍ତି ଯେ, ଯଦି ଶ୍ରୀ ରାୟଙ୍କ ପ୍ରାର୍ଥନାକୁ ମଞ୍ଜୁର କରାନଯାଏ, ତା'ହେଲେ ସେ ନିର୍ବାଚନ ଲଢ଼ିବାର ସୁଯୋଗ ହରାଇ ବସିବେ । ଏହା ତାଙ୍କର ରାଜନୀତିକ କ୍ୟାରିୟରକୁ ଅପୂରଣୀୟ କ୍ଷତି କରିବ । ତେଣୁ ରାୟ ଦୋଷୀ ସାବ୍ୟସ୍ତ ହେବାକୁ ନେଇ ରାୟ ଉପରେ କୋର୍ଟରେ ଚ୍ୟାଲେଞ୍ଜ କରିଥିବାରୁ ଟ୍ରାଏଲ କୋର୍ଟଙ୍କ ଦଣ୍ଡାଦେଶ ଉପରେ ରହିତାଦେଶ ଜାରି କରାଯାଉଛି ।ଶ୍ରୀ ରାୟଙ୍କ ପକ୍ଷରୁ ବରିଷ୍ଠ ଓକିଲ ମୁକୁଲ ରୋହତଗୀ ଓ ପ୍ରମୋଦ କୁମାର ଦୁବେ ମାମଲାର ପରିଚାଳନା କରୁଥିଲେ । ସିବିଆଇ ପକ୍ଷରୁ ବରିଷ୍ଠ ଆଡଭୋକେଟ୍ ଆରଏସ୍ ଚିମା ଓ ତରନୁମ ଚିମା ହାଜର ହୋଇ ଶ୍ରୀ ରାୟଙ୍କ ଦୋଷୀ ସାବ୍ୟସ୍ତ ଉପରେ ରହିତାଦେଶ ଜାରିକୁ ବିରୋଧ କରିଥିଲେ

## ଚକଲେଟ କିଣିବାକୁ ଯାଇଥିବା ନାବାଳିକାଙ୍କୁ ଦୁଷ୍କର୍ମ: ଦୋକାନୀକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ



ବାଲେଶ୍ୱର,୮।୪(ପି.ଏନ): ଚକଲେଟ କିଣିବାକୁ ଯାଇ ନାବାଳିକା ଦୋକାନୀ ଦ୍ୱାରା ଦୁଷ୍କର୍ମ ଶିକାର ଘଟଣା ?ରେ ଦୋକାନୀ ଅଜୟ ବେହେରାକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ଓ ଅନାଦେୟ ହେଲେ ଅଧିକ ୨ ବର୍ଷ ଜେଲ ଦଣ୍ଡ । ୧୭ ଜଣ ସାକ୍ଷୀ, ୧୮ଟି ଦଲିଲ ଓ ଦସ୍ତାବିଜକୁ ଆଧାର କରି ରାୟ ଶୁଣାଇଛନ୍ତି ବାଲେଶ୍ୱର ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଜଜ୍ ରଞ୍ଜନ କୁମାର ସୂତାର ।

## ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟଙ୍କୁ ଅଦାଲତରୁ ମିଳିଲା ଆଶ୍ୱସ୍ତି

ଭୁବନେଶ୍ୱର,୮।୪(ପି.ଏନ): ବିଜେପିର ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟଙ୍କୁ ଅଦାଲତରୁ ମିଳିଛି ଆଶ୍ୱସ୍ତି। କୋଲ୍ ସ୍କାମ ମାମଲାରେ ତଳକୋର୍ଟ ଦ୍ୱାରା ହୋଇଥିବା ୩ ବର୍ଷ ଦଣ୍ଡାଦେଶ ଉପରେ ରୋକ୍ ଲଗାଇଛନ୍ତି ଦିଲ୍ଲୀ ହାଇକୋର୍ଟ। ୨୦୨୪ ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ତଳକୋର୍ଟ ଦଣ୍ଡାଦେଶକୁ ସ୍ଥଗିତ ରଖିବାକୁ ଦିଲ୍ଲୀପ ରାୟ ହାଇକୋର୍ଟରେ ଅପିଲ କରିଥିଲେ। ୧୯୯୯ ଝାଡଖଣ୍ଡର ଗିରିଡିହର ଏକ କୋଇଲା ବ୍ଲକ କାଷ୍ଟ୍ରନ ଟେକ୍ନୋଲୋଜିକୁ ମିଳିଥିଲା। ଏଥିରେ ଅନିୟମିତତା ଅଭିଯୋଗ ହେବାପରେ ଏହି ମାମଲାର ତଦନ୍ତ ସିବିଆଇ କରିଥିଲା। ସିବିଆଇ ଚୂଡାନ୍ତ ରିପୋର୍ଟରେ ଦିଲ୍ଲୀପ ରାୟଙ୍କ ସମେତ ଅନ୍ୟ ୫ଜଣଙ୍କୁ ଅଭିଯୁକ୍ତ ଭାବେ ଦର୍ଶାଇଥିଲା। ସିବିଆଇ ରିପୋର୍ଟ ଆଧାରରେ ଦିଲ୍ଲୀର ଟ୍ରାଏଲ କୋର୍ଟ ଅକ୍ଟୋବର ୬, ୨୦୨୦ରେ ଦିଲ୍ଲୀପଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧୦ଲକ୍ଷ ଟଙ୍କା ଜରିମାନା ଏବଂ ୩ବର୍ଷ କାରାଦଣ୍ଡ ଶୁଣାଇଥିଲେ। ଟ୍ରାଏଲ କୋର୍ଟ ଦଣ୍ଡାଦେଶ ସ୍ଥଗିତ ରଖିବାକୁ ହାଇକୋର୍ଟ ଯାଇଥିଲେ ଦିଲ୍ଲୀପ।

## ବ୍ରିଜରୁ ୧୦ ଫୁଟ୍ ତଳକୁ ଖସିଲା ସ୍କୁଟି, ୩ ମୃତ

ବାଲିଗୁଡା,୮।୪(ପି.ଏନ): ବାଲିଗୁଡାରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି । ରାଇକିଆ- ମଣ୍ଡକିଆ ରାସ୍ତାର ବୁ?ାମହ ନିକଟରେ ଏହି ଦୁର୍ଘଟଣା ଘଟିଛି । ଏକ ସ୍କୁଟି ଭାରସାମ୍ୟ ହରାଇ ଖୁଣ୍ଟରେ ପିଟି ହେବା ପରେ ବ୍ରିଜରୁ ୧୦ ଫୁଟ ତଳକୁ ଖସି ପଡିଥିଲା । ଘଟଣାସ୍ଥଳରେ ୩ ସ୍କୁଟି ଆରୋହୀଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । ଖବର ପାଇ ଘଟଣାସ୍ଥଳରେ ରାଇକିଆ ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ମେଡିକାଲ ପଠାଇଥିଲା । ପୋଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି । ତେବେ ମୃତକମାନଙ୍କ ମଧ୍ୟରୁ ଜଣେ ବେରେଡାକିଆ ଏବଂ ଅନ୍ୟ ଦୁଇ ଜଣ ଡଲାବାଲିର ବୋଲି ସୂଚନା ମିଳିଛି ।

## ୨ ମିଲିସିଆ ସହ ୪ ନକ୍ସଲ ଗିରଫ, ମାଓ ସାମଗ୍ରୀ ଜବତ



ମାଲକାନଗିରି,୮।୪(ପି.ଏନ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ସୁକମା ପୁଲିସକୁ ମିଳିଛି ବଡ଼ ସଫଳତା। ନିର୍ବାଚନ ପୂର୍ବରୁ ମାଓ ସଂଗଠନର ୨ ଜଣ ନକ୍ସଲ ସହଯୋଗୀଙ୍କ ସହ ୪ ଜଣ ନକ୍ସଲକୁ ଗିରଫ କରିଛି ସୁକମା ପୁଲିସ। ଲୋକସଭା ନିର୍ବାଚନକୁ ଆଖି ଆଗରେ ରଖି ପୁଲିସ ବିଭିନ୍ନ ସ୍ଥାନରେ କଡା ସୁରକ୍ଷା ବ୍ୟବସ୍ଥା କରିବା ସହ ଯାଞ୍ଚ କରୁଛି। ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଦେଖିଲେ ପଚରାଉଚରା କରୁଛି। ସେହିପରି ସୀମାକୁ ସିଲ କରାଯାଇଛି। ଓଡିଶାରୁ ଛତିଶଗଡ ଏବଂ ଛତିଶଗଡର ଓଡିଶାକୁ ଆସୁଥିବା ସମସ୍ତ ଗାଡି ଏବଂ ବ୍ୟକ୍ତିମାନଙ୍କୁ ଅଟକାଇ ଯାଞ୍ଚ କରାଯାଉଛି। ଏହି ପରିପ୍ରେକ୍ଷୀରେ ଡିଆରଜି ଯବାନ ପେଟ୍ରୋଲିଂ କରୁଥିବା ବେଳେ କିଛି ଲୋକଙ୍କ ଉପରେ ସନ୍ଦେହ ହେବାରୁ ସେମାନଙ୍କୁ ଧରି ପଚରାଉଚରା କରିବା ସମୟରେ ସେମାନଙ୍କଠାରୁ ମାଓ ସାମଗ୍ରୀ ଜବତ କରିଥିଲା। ତୁରନ୍ତ ସମସ୍ତ ମିଲିସିଆ ଏବଂ ନକ୍ସଲକୁ ଗିରଫ କରାଯାଇଛି।

## କିଟ୍ ଓ ୟୁଏନ୍ ଭଲ୍ୟୁଣ୍ଟିଅର୍ସ ମଧ୍ୟରେ ବୁଝାମଣା



ଭୁବନେଶ୍ୱର,୮।୪: କିଟ୍ ବିଶ୍ୱବିଦ୍ୟାଳୟ ଓ ୟୁଏନ୍ ଭଲ୍ୟୁଣ୍ଟିଅର୍ସ (ୟୁଏନ୍‌ଭି) ମଧ୍ୟରେ ସୋମବାର ଏକ ବୁଝାମଣା ସ୍ୱାକ୍ଷରିତ ହୋଇଯାଇଛି। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ଭାରତରେ ଅବସ୍ଥାପିତ ଜାତିସଂଘ ଆବାସିକ ସଂଯୋଜକ ସୋମ୍ବି ସାର୍ପଙ୍କ ଉପସ୍ଥିତିରେ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶରଣଜିତ୍ ସିଂହ ଓ ୟୁଏନ୍‌ଭିର ଭାରତ ସଂଯୋଜକ ସୁଶିଲ ଚୌଧୁରୀଙ୍କ ମଧ୍ୟରେ ଏହି ବୁଝାମଣାପତ୍ର ଆଦାନପ୍ରଦାନ ହୋଇଥିଲା। ଏହି ବୁଝାମଣା ଅନୁଯାୟୀ କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଜାତିସଂଘର ବିଭିନ୍ନ ସଂସ୍ଥା ଦ୍ୱାରା କରାଯାଉଥିବା ବିକାଶମୂଳକ କାର୍ଯ୍ୟରେ ନିୟୋଜିତ ହେବେ। ଏଥିପାଇଁ ସେମାନଙ୍କୁ ମଧ୍ୟ ଷ୍ଟାଇପେଣ୍ଡ ପ୍ରଦାନ କରାଯିବ। ଏହି ସୁଯୋଗ ଛାତ୍ରଛାତ୍ରୀମାନଙ୍କୁ ଅନ୍ତର୍ଜାତୀୟ ବିକାଶ କ୍ଷେତ୍ରରେ ମୂଲ୍ୟବାନ ବୃତ୍ତିଗତ ଅଭିଜ୍ଞତା ଆହରଣରେ ସହାୟକ ହେବା ସହ ସେମାନଙ୍କ ଭବିଷ୍ୟତ କ୍ୟାରିଅର ଗଢ଼ି ତୋଳିବାରେ ସାହାଯ୍ୟ କରିବ। କୌଣସି ଘରୋଇ ବିଶ୍ୱବିଦ୍ୟାଳୟ ସହ ୟୁଏନ୍‌ଭି ଭଳି ସମ୍ମାନଜନକ ସଂସ୍ଥା ବୁଝାମଣା କରିବା କ୍ଷେତ୍ରରେ ଏହା ହେଉଛି ସମଗ୍ର ଦକ୍ଷିଣ ଏସିଆରେ ପ୍ରଥମ। କିଟ୍ ବିଶ୍ୱବିଦ୍ୟାଳୟ ସହ ଏହି ବୁଝାମଣପତ୍ର ସ୍ୱାକ୍ଷର କରିଥିବାରୁ ପ୍ରତିଷ୍ଠାତା ଶ୍ରୀ ସାମନ୍ତ ୟୁଏନ୍‌ଭି ଏବଂ ଭାରତରେ ଏହାର ଆବାସିକ ସଂଯୋଜକ ସୋମ୍ବି ସାର୍ପଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ଅବସରରେ ଶ୍ରୀ ସାମନ୍ତ କହିଛନ୍ତି, ଏହି ବୁଝାମଣା ଯେ କେବଳ ଦୁଇ ଅନୁଷ୍ଠାନ ମଧ୍ୟରେ ସହଭାଗିତା ନୁହେଁ। ଏହା ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ସ୍ୱପ୍ନ ପୂରଣ କରିବାରେ ସୁଯୋଗ ପ୍ରଦାନରେ ସହାୟକ ହେବା ସହ ବିଶ୍ୱ ବିକାଶରେ ସେମାନଙ୍କ ଯୋଗଦାନ ନିମନ୍ତେ ସେମାନଙ୍କର ପ୍ରତିଭା ଓ ଦକ୍ଷତା ବିକଶିତ ହୋଇପାରିବ ବୋଲି ସେ କହିଛନ୍ତି। ଶ୍ରୀ ସାର୍ପ କହିଛନ୍ତି, ଏହି ପ୍ରୟାସ ଛାତ୍ରଛାତ୍ରୀମାନଙ୍କୁ ୟୁଏନ୍‌ରେ କାର୍ଯ୍ୟ କରିବାର ପ୍ରତ୍ୟକ୍ଷ ଅଭିଜ୍ଞତା ପ୍ରଦାନ କରିବା ସହ ୟୁଏନ୍‌ର ବିଭିନ୍ନ ସଂସ୍ଥା ଓ ସ୍ଥାନୀୟ ସମ୍ପ୍ରଦାୟ ସହ ମିଶି ସ୍ଥାୟୀ ବିକାଶ ପ୍ରୟାସରେ ସେମାନଙ୍କ ଯୋଗଦାନ ନିମନ୍ତେ ସକ୍ଷମ କରାଇବ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନୂଆଦିଲ୍ଲୀସ୍ଥିତ ଜାତିସଂଘ ଆଞ୍ଚଳିକ ସଂଯୋଜକ କାର୍ଯ୍ୟାଳୟର ଚିଫ୍ ଅଫ୍ ଷ୍ଟାଫ୍ ରାଧିକା କାଉଲ ବାତ୍ରା, ୟୁଏନ୍‌ଡିପିର ଓଡ଼ିଶା ମୁଖ୍ୟ ଆଭା ମିଶ୍ର, ଜାତିସଂଘ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ଓଡ଼ିଶା ମୁଖ୍ୟ ହିମାଂଶୁ ବଳ, ୟୁନିସେଫ୍‌ର ଓଡ଼ିଶା ମୁଖ୍ୟ ଉଇଲିୟମ୍ ହାନଲନ୍ କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା, କିଟ୍ ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ଓ କିସ୍ ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେଡିରୁ ଇସ୍ତଫା ଦେଲେ ପୂର୍ବତନ ସାଂସଦ ପ୍ରଭାସ ସିଂହ



ଭୁବନେଶ୍ୱର,୮।୪(ପି.ଏନ): ଲୋକସଭା ଏବଂ ବିଧାନସଭା ନିର୍ବାଚନ ୨୦୨୪ ପୂର୍ବରୁ ରାଜନୀତିରେ ଦଳ ଅଦଳ ବଦଳ ପ୍ରକ୍ରିୟା ଚାଲୁ ରହିଛି । ଏହାରି ମଧ୍ୟରେ ବର୍ତ୍ତମାନ ପୂର୍ବତନ ସାଂସଦ ପ୍ରଭାସ ସିଂହ ବିଜେଡି ଦଳରୁ ଇସ୍ତଫା ଦେଇଛନ୍ତି । ପ୍ରଭାସ ସିଂହ ପୂର୍ବତନ ସାଂସଦ ତଥା ବରଗଡ ଜିଲ୍ଲା ବିଜେଡି ସଭାପତି ଅଟନ୍ତି । ସେ ଆଜି ନବୀନ ନିବାସ ଆସି ଇସ୍ତଫା ପ୍ରଦାନ କରିଛନ୍ତି । ପ୍ରଭାସ ସିଂହ ୨୦୧୪ରୁ ୧୯ ପର୍ଯ୍ୟନ୍ତ ବରଗଡର ସାଂସଦ ଥିଲେ । ଏଥର ସେ ଟିକେଟ ଆଶାୟୀ ଥିଲେ, କିନ୍ତୁ ଦଳ ପରିଣୀତା ମିଶ୍ରଙ୍କୁ ଟିକେଟ ଦେଇଛି । ତେବେ ଏହା ପରେ ସେ କେଉଁ ଦଳରେ ଯୋଗ ଦେବେ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ ।

## ନୂତନ ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧିକାରୀ ନିଯୁକ୍ତ

ଖୋର୍ଦ୍ଧା(ପିଏନ): ଖୋର୍ଦ୍ଧା ଜିଲ୍ଲାର ପୂର୍ବତନ ଆରକ୍ଷୀ ଅଧିକାରୀ ବି ଯୁଗଳ କିଶୋରଙ୍କ ବଦଳି ପରେ ଜିଲ୍ଲା ଆରକ୍ଷୀ ଅଧିକାରୀଙ୍କ ପଦବୀ ଖାଲି ପଡିଥିଲା । ତେବେ ଓଡ଼ିଶା ନିର୍ବାଚନ କମିଶନ ନୂତନ ଭାବେ ଅବିନାଶ କୁମାର ଖୋର୍ଦ୍ଧା ଆରକ୍ଷୀ ଅଧିକାରୀ ଭାବେ ନିଯୁକ୍ତ ହେବେ ବୋଲି ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖି ଜଣାଇଛନ୍ତି ।

## ବିଜେପିରେ ବଢୁଛି ଦଳୀୟ କନ୍ଦଳ

ପୁରୀ,୮।୪(ପି.ଏନ): ବିଜେପିର ପୁରୀ ସାଂସଦ ପ୍ରାର୍ଥୀ ଓ ସତ୍ୟବାଦୀ ବିଧାୟକ ପ୍ରାର୍ଥୀଙ୍କୁ ନିଜ ଦଳରୁ ବିରୋଧ। ବିଜେପି ସାଂସଦ ପ୍ରାର୍ଥୀ ସମ୍ବିତ ପାତ୍ର ଓ ସତ୍ୟବାଦୀ ବିଧାୟକ ପ୍ରାର୍ଥୀ ଓମ୍ ପ୍ରକାଶଙ୍କୁ ଲୋକ ପସନ୍ଦ କରୁନାହାନ୍ତି। ସତ୍ୟବାଦୀ ଅଞ୍ଚଳର ବରିଷ୍ଠ ବିଜେପି ନେତା କୃଷ୍ଣ ଜଗଦେବଙ୍କ ସମେତ ଅନେକ ନେତା ସାମ୍ବାଦିକ ସମ୍ମିଳନୀ କରି ଏହା କହିଛନ୍ତି। ଓମଙ୍କ ନାଁରେ ଅନେକ ଅପରାଧିକ ମାମଲା ସମେତ ଯୌନ କେଳେଙ୍କାରୀ ଅଭିଯୋଗ ଅଛି। ଏହା ସତ୍ତ୍ୱେ ତାଙ୍କୁ ପ୍ରାର୍ଥୀ ଘୋଷଣା ପଛରେ ସ୍ୱାର୍ଥ ରହିଥିବା ଅଭିଯୋଗ ଆଣିଛନ୍ତି କୃଷ୍ଣ ଜଗଦେବ ।ଯୁବନେତା କାମାକ୍ଷା ପ୍ରଧାନଙ୍କୁ ବିଜେପି ଟିକେଟ ଦେବା ପାଇଁ ନିବେଦନ କରାଯାଇଥିବା ବେଳେ ବିଚାର ନକଲେ ଆଗାମୀ ଦିନରେ ବିଜେପିରୁ ସାମୂହିକ ଇସ୍ତଫା ଦେବାକୁ ଚେତାବନୀ ଦେଇଛନ୍ତି କୃଷ୍ଣ। ସେହିପରି ପୁରୀ ବିଜେପି ସାଂସଦ ପ୍ରାର୍ଥୀ ସମ୍ବିତ ପାତ୍ର ଷଡ଼ଯନ୍ତ୍ର କରିଥିବା ଅଭିଯୋଗ ଆଣିଛନ୍ତି କୃଷ୍ଣ ଜଗଦେବ। ସତ୍ୟବାଦୀ ଅଞ୍ଚଳରେ ଲୋକମାନଙ୍କ ପାଇଁ କାର୍ଯ୍ୟ କରି ଆସୁଥିବା କମାକ୍ଷା ପ୍ରଧାନ ମଧ୍ୟ ବିଜେପିର ଏପରି ନିଷ୍ପତ୍ତି ଓ ଅଣଦେଖାକୁ ନିନ୍ଦା କରିଛନ୍ତି।

## ଦୁଇ ଜିଲ୍ଲାର ଏସ୍‌ପିଙ୍କୁ ପରିବର୍ତ୍ତନ କଲେ ନିର୍ବାଚନ କମିଶନର

ଭୁବନେଶ୍ୱର,୮।୪(ପି.ଏନ):ନିର୍ବାଚନ କମିଶନ ରାଜ୍ୟର ଦୁଇ ଜିଲ୍ଲାର ଏସ୍‌ପିଙ୍କୁ ପରିବର୍ତ୍ତନ କରିଛନ୍ତି । ବ୍ରହ୍ମପୁର ଏସପି ଭାବେ ଡ.ସାର୍ଥକ ଷଡଙ୍ଗୀଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ଖୋର୍ଦ୍ଧା ଏସପି ଭାବରେ ଅବିନାଶ କୁମାରଙ୍କୁ ଦାୟିତ୍ୱ ଦିଆଯାଇଛି। ଏଠାରେ ସୂଚାଇ ଦିଆଯାଇପାରେ କି କିଛିଦିନ ତଳେ ରାଜ୍ୟ ସରକାର ଆଇଏଏସ୍ ସ୍ତରରେ ଛୋଟ ଧରଣର ଅଦଳବଦଳ କରିଥିଲେ ।

## 'ଘଡଘଡି ସହ ବର୍ଷା ହେବ.. ସତର୍କ ରୁହନ୍ତୁ', ୮ ଜିଲ୍ଲାକୁ ୱାର୍ଣ୍ଣିଂ ଜାରି କଲେ ପାଣିପାଗ ବିଭାଗ



ଭୁବନେଶ୍ୱର,୮।୪(ପି.ଏନ): ଗତ କିଛି ଦିନ ହେବ ରାଜ୍ୟରେ ତାତି ଅନୁଭୂତ ହେଉଥିବା ବେଳେ ଗତକାଲି କାଳବୈଶାଖୀ ବର୍ଷା ଯୋଗୁଁ ପାଗ ଥଣ୍ଡା ପଡିଛି । ସେହିଭଳି ଆଜି କେତେକ ସ୍ଥାନରେ ଘଡଘଡି ଏବଂ ବର୍ଷା ପାଇଁ ପାଣିପାଗ ବିଭାଗ ୱାର୍ଣ୍ଣିଂ ଜାରି କରିଛନ୍ତି । ୮ ଟି ଜିଲ୍ଲାକୁ ୩ ଘଣ୍ଟିଆ ୱାର୍ଣ୍ଣିଂ ଜାରି କରାଯାଇଛି । ସୂଚନା ଅନୁଯାୟୀ, ବିଜୁଳି, ଘଡଘଡି ସହ ବର୍ଷା ନେଇ ୮ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ବରଗଡ, ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର, ଦେବଗଡ, ଅନୁଗୁଳ, ମୟୁରଭଞ୍ଜ, କେନ୍ଦୁଝରକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଗତକାଲି ଅପରାହ୍ନ ସମୟରେ ଅନେକ ସ୍ଥାନରେ ବର୍ଷା ଏବଂ ଘଡଘଡି ବିଜୁଳି ଅନୁଭୂତ ହୋଇଛି । ଏଥିସହ ପବନ ମଧ୍ୟ ହୋଇଛି । ଏଥି ପାଇଁ ରାଜ୍ୟବାସୀଙ୍କୁ ତାତିରୁ ଆଶ୍ୱସ୍ତି ମିଳିଛି ।

## କାରରୁ ୫୫ ଲକ୍ଷ ୨୦ ହଜାର ଟଙ୍କା ମିଳିବା ଘଟଣା, ଛାନଭିନ୍ ଆରମ୍ଭ କଲା ଆୟକର ବିଭାଗ

ଭୁବନେଶ୍ୱର,୮।୪(ପି.ଏନ): ବିନିକା ପୋଲିସ ହାତରେ ଲାଗିଥିବା ୫୫ ଲକ୍ଷ ୨୦ ହଜାର ଟଙ୍କାକୁ ନେଇ ଛାନବିନ୍ ଆରମ୍ଭ କରିଛି ଆୟକର ବିଭାଗ। ଦୁଇଦିନ ତଳେ ବିନିକା ପୋଲିସ କଲେଜ ଛକରେ ଚେକିଂ କରୁଥିବା ସମୟରେ ଏକ ଇନୋଭା କାରରୁ ୫୫ଲକ୍ଷ ୨୦ ହଜାର ଟଙ୍କା ଜବତ କରିଥିଲା। ଏତେ ଟଙ୍କା କିଏ, କେଉଁଠୁ ଆଣିଲା ତା'ର ତଦନ୍ତ କରିବା ସହ ଆୟକର ବିଭାଗକୁ ମଧ୍ୟ ଖବର ଦେଇଥିଲା ବିନିକା ପୋଲିସ ।ଆଜି ସମ୍ବଲପୁର ଆୟକର ବିଭାଗର ଏକ ଟିମ୍ ବିନିକା ଥାନାକୁ ଆସି ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଛନ୍ତି। କାରରେ ଥିବା ଲୋକଙ୍କୁ ପଚରାଉଚରା କରାଯାଉଛି। ତେବେ ଏନେଇ ଆୟକର ବିଭାଗ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳି ନାହିଁ। ଯଦିଓ କାରରେ ଥିବା ଆନ୍ଧ୍ରପ୍ରଦେଶର ଲୋକ କହିଛନ୍ତି ଯେ ଏହା ଜମି ବିକ୍ରି ଟଙ୍କା ।

## ଗଛରେ ପିଟି ହେଲା ବସ୍, ୧୦ ଆହତ

ଭୁବନେଶ୍ୱର,୮।୪(ପି.ଏନ): ରାଜ୍ୟରେ ପୁଣି ଏକ ଭୟଙ୍କର ବସ୍ ଦୁର୍ଘଟଣାର ଚିତ୍ର ସାମ୍ନାକୁ ଆସିଛି । ଏକ ଯାତ୍ରୀବାହୀ ବସ୍ ଗଛରେ ପିଟି ହେବା ଫଳରେ ୧୦ ଜଣ ଯାତ୍ରୀ ଆହତ ହୋଇଛନ୍ତି । ବେଲଗୁଣ୍ଠା ଥାନା ଜି.ନୂଆଗାଁ ଛକରେ ଏହି ଦୁର୍ଘଟଣା ଘଟିଛି । ବସ୍‌ଟି ଭଞ୍ଜନଗରରୁ ବେଲଗୁଣ୍ଠା ଆସିବା ବେଳେ ଏହି ଦୁର୍ଘଟଣା ଘଟିଛି । ଆହତଙ୍କ ମଧ୍ୟରୁ ୩ ଜଣ ଗୁରୁତର ଅଛନ୍ତି । ସମସ୍ତଙ୍କୁ ଭଞ୍ଜନଗର ମେଡିକାଲ୍‌ରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଛି ।








# ଟି ଟାଇମ୍

## ଭୂତଙ୍କ ମେଳା

ମେଳା ତ ଅନେକ ରହିଥାଏ। ମେଳାକୁ ଆକର୍ଷଣୀୟ କରିବା ପାଇଁ କେତେକ ସ୍ଥାନରେ ଗୋରୁଗାଈ ତ ଆଉ କେଉଁଠି କଣ୍ଢେଇ, ଖେଳନାମାନ ବିକ୍ରି କରାଯାଇଥାଏ। ହେଲେ ଭୂତମାନଙ୍କୁ ନେଇ କେବେ କୌଣସି ମେଳା ହେଉଥିବା ବିଷୟରେ ଶୁଣିଛନ୍ତି। କିନ୍ତୁ ଏପରି ଏକ ମେଳା ମିର୍ଜାପୁରର କୋହରୋରାର ବରହି ଗ୍ରାମରେ ବେଚୁବୀର ବାବାଙ୍କ ସମାଧି ଉପରେ ହୋଇଥାଏ। ଏହି ମେଳାରେ ଭୂତ, ପ୍ରେତ ଏବଂ ଡାହାଣୀମାନଙ୍କର ମେଳା ହୋଇଥାଏ। ଅନ୍ଧବିଶ୍ୱାସ ସହିତ ଜଡ଼ିତ ଏହି ମେଳାରେ ଭୂତ-ପ୍ରେତଙ୍କ ପ୍ରକୋପରୁ ଲୋକମାନଙ୍କୁ ମୁକ୍ତି ଦିଆଯାଇଥାଏ। ଅନ୍ଧବିଶ୍ୱାସର ଏ ସମସ୍ତ ଖେଳ ସ୍ଥାନୀୟ ପୋଲିସ କର୍ମଚାରୀମାନଙ୍କ ସାମ୍ନାରେ ହୋଇଥାଏ। ଏହି ମେଳା ୩୫୦ବର୍ଷରୁ ହୋଇଆସିଲାଣି। ଅନ୍ଧବିଶ୍ୱାସର ଏହି ମେଳାରେ ଅଭିଯୋଗ ନେଇ ମଣିଷମାନେ ଆସିଥାନ୍ତି। ଯଦି କୌଣସି ବ୍ୟକ୍ତିଙ୍କ ଉପରେ ଭୂତ କିମ୍ବା ପ୍ରେତଙ୍କର ପ୍ରଭାବ ରହିଥାଏ ତେବେ ତାଙ୍କୁ ଏହି ସଂକଟରୁ କେବଳ ବେଚୁବିର ବାବା ହିଁ ମୁକ୍ତ କରିପାରିବେ। ଏଠାକୁ ଅନେକ ଦୂର ଦୂରାନ୍ତରୁ ଲୋକମାନେ ଚିକିତ୍ସା କରିବା ପାଇଁ ଆସିଥାନ୍ତି। ବେଚୁ ବାବାଙ୍କ ସମାଧିର ଦେଖାଶୁଣା ତାଙ୍କର ଏହି ଛଅ ବଶଂଜ କରିଥାନ୍ତି। ଏଠାରେ ଭୂତ-ପ୍ରେତଙ୍କ ବ୍ୟତୀତ ନିଃସନ୍ତାନ ଲୋକମାନେ ମଧ୍ୟ ଆସିଥାନ୍ତି।

## ୧୦୬୮ଟଙ୍କାର କିଟ୍‌କାଟ୍

ଯଦି ଆପଣ ଚକୋଲେଟ୍ ଖାଇବାର ସୌଖୀନ୍ ତେବେ ଆପଣଙ୍କ ପାଇଁ ଏକ ବଡ଼ ଖୁସି ଖବର। ପ୍ରସିଦ୍ଧ କମ୍ପାନୀ ନେସ୍‌ଲେ ଜାପାନରେ ଗୋଟିଏ ନୂଆ ପ୍ରଡ଼କ୍ଟ ଲଞ୍ଚ କରିଛନ୍ତି । ଏହି ପ୍ରଡ଼କ୍ଟ ହେଉଛି ଗୋଟିଏ ଚକୋଲେଟ୍। କିନ୍ତୁ ଏହା ଏକ ସାଧାରଣ ଚକୋଲେଟ୍ ନୁହେଁ। ସୁନାରେ ପ୍ରସ୍ତୁତ ଚକୋଲେଟ୍। ନେସ୍‌ଲେ ଏହି ଚକୋଲେଟ୍‌ର ଉତ୍ପାଦନ କମ୍ପାନୀର ଚକଲେଟ୍ରୀ ବୁଟିକ୍ ପାଇଁ କରିଛନ୍ତି । ଏହାକୁ ଖାଇବା ଯୋଗ୍ୟ କରିବା ପାଇଁ ସେଥିରେ ସୁନାରେ ପତଳା କୋର୍ଟ ଦିଆଯାଇଛି । ଏବେ ଚକୋଲେଟ୍‌କୁ ଓ୍ୱାନ୍ ଫିଙ୍ଗର କିଟ୍‌କାଟ୍ ଚକୋଲେଟ୍ ଆକାରରେ ଲଞ୍ଚ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ କମ୍ପାନୀ ଡିସେମ୍ବରର ଶେଷ ଆଡ଼କୁ ୫୦୦ ଚକୋଲେଟ୍‌କୁ ଜାପାନ୍‌ର ୮ଟି କିଟ୍‌କାଟ୍ ବୁଟିକ୍‌ରେ ବିକ୍ରି କରିବେ



। ସୁନାର ପରସ୍ତ ପଡ଼ିଥିବା ଏହି ଚକୋଲେଟ୍‌ର ଜାପାନ ମୂଲ୍ୟ ୨,୦୧୬ୟେନ୍(୧୬ଡଲାର) ଦାମରେ ବିକ୍ରି କରାଯିବ । ଯାହାର ଭାରତୀୟ ମୂଲ୍ୟ ୧.୦୬୮ଟଙ୍କା ହେବ । ଜାପାନରେ ନେସଲେ ୩୦ପ୍ରକାରର କିଟ୍‌କାଟ୍ ବିକ୍ରି କରିଥାଏ ।

## ଖରିଫ୍ ଧାନ ସଂଗ୍ରହ ପାଇଁ ଚାଷୀ ନାମପଂଜୀକରଣରେ ୧୩ ପ୍ରତିଶତ ବୃଦ୍ଧି

ଭୁବନେଶ୍ୱର,(ପିଏନ)-୨୦୨୦-୨୧ ଖରିଫ୍ ବିପଣନ ଋତୁରେ ମୂଲ୍ୟ ସହାୟକ ଯୋଜନାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ଚାଷୀ ନାମ ପଂଜୀକରଣ ଗତବର୍ଷ ତୁଳନାରେ ଉଲ୍ଲେଖନୀୟ ୧୩ ପ୍ରତିଶତ ବୃଦ୍ଧି ପାଇଛି । ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ପାଇଁ ଅଦ୍ୟାବଧି ମୋଟ ୧୪ ଲକ୍ଷ ୨ ହଜାର ୨୦୫ ଜଣ ଚାଷୀ ଅନ୍ ଲାଇନ୍ ଜରିଆରେ ସେମାନଙ୍କ ନାମ ପଂଜୀକରଣ କରିଛନ୍ତି। ଗତବର୍ଷ ୨୦୧୯-୨୦ ଖରିଫ୍ ଧାନ ନିମନ୍ତେ ୧୨ ଲକ୍ଷ ୩୫ ହଜାର ୯୦୮ ଜଣ ଚାଷୀ ନାମ ପଂଜୀକରଣ କରିଥିଲେ ।
କୋଭିଡ୍-୧୯ ସ୍ଥିତିରେ ସରକାରଙ୍କ ସମସ୍ତ ମାର୍ଗଦର୍ଶିକା ଓ ସାମାଜିକ ଦୂରତ୍ୱ ଅନୁପାଳନ କରି ବିଭାଗ ଦ୍ୱାରା ପ୍ୟାକ୍ସ ଓ ଲ୍ୟାମ୍ପସ୍ ମାଧ୍ୟମରେ ଚାଷୀ ନାମ ପଂଜୀକରଣ କାର୍ଯ୍ୟ ସୁରୁଖୁରୁରେ କରାଯାଇପାରିଛି ଏବଂ ଗତବର୍ଷ ତୁଳନାରେ ୧ ଲକ୍ଷ ୬୬ ହଜାର ୨୯୭ ଜଣ ଅଧିକ ଚାଷୀ ସେମାନଙ୍କ ଖରିଫ୍ ଧାନ ବିକିବା ନିମନ୍ତେ ନାମ ପଂଜୀକରଣ କରିଥିବାରୁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସମସ୍ତ କୃଷକ ଭାଇ ଏବଂ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁବାଦ ଜଣାଇଛନ୍ତି। ରାଜ୍ୟର ୩୦ଟି ଜିଲ୍ଲାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ୨୮୫୨ଟି ପ୍ୟାକ୍ସ ଜରିଆରେ ନାମ ପଂଜୀକରଣ କାର୍ଯ୍ୟ କରାଯାଉଛି। ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ରାଜ୍ୟର ପ୍ରାୟ ପ୍ରତିଟି ଜିଲ୍ଲାରେ ଗତବର୍ଷ ତୁଳନାରେ ନାମ ପଂଜୀକରଣ ସଂଖ୍ୟା ବୃଦ୍ଧି ପାଇଥିବାବେଳେ ନୂଆପଡ଼ା ଜିଲ୍ଲାରେ ଉଲ୍ଲେଖନୀୟ ୩୫ ପ୍ରତିଶତ ବୃଦ୍ଧିପାଇଛି । ଏତଦ୍ ବ୍ୟତୀତ ବଲାଙ୍ଗୀର ଓ ଯାଜପୁର ଜିଲ୍ଲାରେ ୨୯ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ମୟୂରଭଞ୍ଜ ଜିଲ୍ଲାରେ ୨୮ ପ୍ରତିଶତ, ଝାରସୁଗୁଡ଼ାରେ ୨୩ ପ୍ରତିଶତ, ଦେବଗଡ଼ରେ ୨୨ ପ୍ରତିଶତ, ଭଦ୍ରଖରେ ୨୦ ପ୍ରତିଶତ, ଢେଙ୍କାନାଳରେ ୧୯ ପ୍ରତିଶତ, ଅନୁଗୋଳ, ଜଗତସିଂହପୁର ଓ କୋରାପୁଟରେ ୧୮ ପ୍ରତିଶତ ଲେଖାଏଁ ନାମ ପଂଜୀକରଣ ବୃଦ୍ଧି ପାଇଛି। ସେହିପରି କଟକ ଜିଲ୍ଲାରେ ଚାଷୀ ନାମ ପଂଜୀକରଣ ୧୭ ପ୍ରତିଶତ, ସମ୍ବଲପୁରରେ ୧୬ ପ୍ରତିଶତ, ବାଲେଶ୍ୱର ୧୫ ପ୍ରତିଶତ, ବରଗଡ଼ରେ ୧୫ ପ୍ରତିଶତ ଏବଂ ସୁନ୍ଦରଗଡ଼ରେ ୧୩ ପ୍ରତିଶତ ବୃଦ୍ଧି ପାଇଛି।

## ପୁରାଣ କାହାଣୀ

## ହଜିଯାଇଥିବା ଜିନିଷ ଖୋଜି ଆଣିବ ସୁଦର୍ଶନ ଚକ୍ର



ଜୀବନରେ କୌଣସି ଜିନିଷ ହଜିଯିବା, କେଉଁଠି ରଖି ଭୁଲିଯିବା, ହଜିଯାଇଥିବା ଜିନିଷ ଖୋଜିଲେ ନ ମିଳିବା ଆଦି ସମସ୍ୟା ସ୍ୱାଭାବିକ୍ ଭାବେ ଘଟିଥାଏ । ଯାହା ମନକୁ ଭାରାକ୍ରାନ୍ତ କରିଦିଏ। ଏଭଳି ପରିସ୍ଥିତିରେ କାର୍ତ୍ତବିର୍ଯ୍ୟାର୍ଜୁନ୍ ରାଜା ଯିଏ ହେୟ ବଂଶର ତଥା ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ରର ଅବତାର ବୋଲି କୁହାଯାଇଥାଏ। ତାଙ୍କର ସାଧନା କରିବା ଦ୍ୱାରା ଏହି ସବୁ ସମସ୍ୟାରୁ ତୁରନ୍ତ ମୁକ୍ତି ମିଳିଥାଏ। ପୁରାଣରେ ବର୍ଣ୍ଣିତ ହୋଇଛି ଯେ ସୁଦର୍ଶନ ଚକ୍ର ଯେ କୌଣସି ଦିଗକୁ ଯାଇ ହଜିଥିବା ଜିନିଷ ଖୋଜି ଆଣିବାରେ ସାହାଯ୍ୟ କରିଥାଏ। ଏହାର ସାଧନା ପାଇଁ ଦୀପ ଜଳାଇ ପୂର୍ବ ଅଥବା ଉତ୍ତର ଦିଗ ପଟକୁ ମୁହଁ କରି ବସନ୍ତୁ। ହଜିଯାଇଥିବା ଜିନିଷକୁ ଭାବନାରେ ଆଣି ଭଗବାନ ବିଷ୍ଣୁଙ୍କର ସୁଦର୍ଶନ ରୂପକୁ ସ୍ମରଣ କରି ଧ୍ୟାନ କରନ୍ତୁ ।

## ନ୍ୟୁଡ ସେଲଫି ବଦଳରେ ମିଳୁଛି ଋଣ

ବେଙ୍କିଂ ସାଧାରଣତଃ ଋଣ ପ୍ରଦାନ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଘର କିମ୍ବା ଜମି ପଟ୍ଟାକୁ ବନ୍ଧକ ରଖିଥାନ୍ତି। ହେଲେ ଚୀନର ଏକ ବ୍ୟାଙ୍କ ଗ୍ୟାରେଣ୍ଟି ବାବଦରେ ଝିଅଙ୍କ ଅଶ୍ଳୀଳ ଫଟୋକୁ ଗ୍ରହଣ କରୁଛି। ସର୍ତ୍ତ ରହିଛି ଯଦି ସଠିକ ସମୟରେ ଋଣ ପରିଶୋଧ କରାନଯାଏ ତେବେ ଏହି ଫଟୋକୁ ସାର୍ବଜନୀନ କରାଯିବ। ଚୀନରେ ଜିଏଦାଇବାଓ ନାମକ ଏକ କମ୍ପାନୀ ଲୋକଙ୍କୁ ବ୍ୟବସାୟ ଏବଂ ଆବଶ୍ୟକୀୟ ସାମଗ୍ରି କ୍ରୟ ପାଇଁ ଅନଲାଇନରେ ଋଣ ପ୍ରଦାନ କରୁଛି। ତେବେ ଋଣ ପାଇଁ ଗ୍ୟାରେଣ୍ଟର ଭାବେ ଝିଅ



ପିଲାଙ୍କୁ ଅନଲାଇନରେ ନ୍ୟୁଡ ଫଟୋ ଦେବାକୁ କୁହାଯାଉଛି। ଏଥିରେ ଝିଅମାନେ ନିଜ ପରିଚୟ ପତ୍ର ସହ ଫଟୋ ଦେଉଛନ୍ତି। କୁହାଯାଇଛି ଯେ ଯଦି ସଠିକ ସମୟରେ ଋଣ ଅର୍ଥ ପୈଠ ନହୁଏ ତେବେ ଏହି ଫଟୋ ପରିବାର ଏବଂ ପରିଚିତ ଲୋକମାନଙ୍କୁ ପଠାଇବା ସହ ସୋସିଆଲ ସାଇଟରେ ମଧ୍ୟ ସେୟାର କରାଯିବ। କମ୍ପାନୀଟି ୩୦% ସାପ୍ତାହିକ ସୁଧରେ ଏହି ଅର୍ଥ ଆବଶ୍ୟକୀୟ ଲୋକଙ୍କୁ ପ୍ରଦାନ କରୁଛି। ମିଳିଥିବା ସୂଚନା ଅନୁସାରେ ଏହି କମ୍ପାନୀଟି ଅଦ୍ୟାବଧି ୧୬୦ଜଣ ଝିଅଙ୍କ ଫଟୋକୁ ସୋସିଆଲ ସାଇଟରେ ଛାଡି ସାରିଲେଣି। ଘଟଣାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ଆରମ୍ଭ ହୋଇଥିଲା ବେଳେ କମ୍ପାନୀକୁ ବନ୍ଦ କରିବା ପାଇଁ ଦାବି ତେଜିଲାଣି।

## ଖାତାକୁ ଆସିଲା ୩୧କୋଟି, ଗହଣା ଏବଂ କପଡ଼ା ପାଇଁ କରିଦେଲେ ଖର୍ଚ୍ଚ

ସିଡନୀ ଭାରତରେ ନୋଟରଦ୍ଦ ନିଷ୍ପତ୍ତି କାରଣରୁ ଅନେକ କଳାଧନକୁ ଧଳା କରିବା ପାଇଁ ଅନ୍ୟମାନଙ୍କ ଆକାଉଣ୍ଟରେ ଅର୍ଥ ଜମା କରୁଥିବା ଘଟଣା ଏବେ ଦେଖିବାକୁ ମିଳୁଛି। ସେହିପରି ଭୁଲରେ ମଧ୍ୟ ବ୍ୟାଙ୍କ



ଅଧିକାରୀମାନେ ଜଣଙ୍କ ସ୍ଥାନରେ ଅନ୍ୟଜଣଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଦେଉଛନ୍ତି। ବ୍ୟାଙ୍କର ଏହି ତ୍ରୁଟି ଯୋଗୁ ଜଣେ ଛାତ୍ରଙ୍କୁ କୋର୍ଟର ଚକ୍କର କାଟିବାକୁ ପଡିଛି। ମାମଲାଟି ୨୦୧୨ ମସିହାର। ବ୍ୟାଙ୍କ ପକ୍ଷରୁ ଭୁଲରେ ମାଲେସିଆର ଜଣେ ୨୧ବର୍ଷିୟ ଛାତ୍ରୀ କ୍ରିଷ୍ଟିନାଙ୍କ ଖାତାକୁ ଆସିଥିଲା ୩୧କୋଟି ଟଙ୍କା। ୨୦୧୪ ଜୁଲାଇ ମାସରେ ଏ ସମ୍ପର୍କରେ କ୍ରିଷ୍ଟିନା ଜାଣିପାରିଥିଲେ। ପରେ ଏହି ଟଙ୍କାରେ ସେ ଗହଣା,ପ୍ରଶାଧନ ସାମଗ୍ରିଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ କ୍ରୟ କରିଥିଲେ। ଏପରିକି ଗୋଟିଏ ଦିନ ସେ ଦେଢକୋଟି ଟଙ୍କାର କିଣାବିକା କରିଥିଲେ। ଗତବର୍ଷ ଏହି ତ୍ରୁଟି ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ଅବଗତ ହେବାପରେ କ୍ରିଷ୍ଟିନାଙ୍କୁ ଫୋନ କରି ତୁରନ୍ତ ଟଙ୍କା ଫେରାଇବା ପାଇଁ ଅନୁରୋଧ କରିଥିଲେ। ହେଲେ କ୍ରିଷ୍ଟିନା କହିଥିଲେ ଯେ ମୁଁ ଭାବିଥିଲି ଏହି ଟଙ୍କା ମୋତେ ମୋ ବାପା ପଠାଇଛନ୍ତି। ପରେ ଘଟଣାଟି କୋର୍ଟରେ ପହଞ୍ଚିଥିଲା। ଗତ ମଙ୍ଗଳବାର ଦିନ ଡାଉନିଂ ସେଣ୍ଟର କୋର୍ଟରେ କ୍ରିଷ୍ଟିନା ଉପସ୍ଥିତ ହୋଇ ନିଜ ଯୁକ୍ତି ରଖିଥିଲେ। ପରେ ଏହି ମାମଲାରେ କୋର୍ଟ ତାଙ୍କୁ ସମ୍ମାନର ସହ ମୁକ୍ତି କରିଛି।

## ସନ୍ତାନ ଓ ଚାକିରି ଛାଡ଼ି ଆଇଏସ ବିରୋଧରେ ବନ୍ଧୁକ ଉଠାଇଲେ ମହିଳା

ସିରିୟାର ବେବିଲୋନିଆ ତାଙ୍କର ଦୁଇ ସନ୍ତାନ



ଓ ହେୟାର ଡ୍ରେସର ଚାକିରି ଛାଡି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ବିରୋଧରେ ବନ୍ଧୁକ ଉଠାଇଛନ୍ତି। ସେ ଆଇଏସ ବିରୋଧରେ ଲଢୁଥିବା ଖ୍ରୀଷ୍ଟିଆନ ଫିମେଲ ପ୍ରୋଟେକସନ ଗ୍ରୁପରେ ସାମିଲ ହୋଇଛନ୍ତି। ୩୬ ବର୍ଷୀୟା ବେବିଲୋନିଆ ସିରିୟାର ଉତ୍ତର-ପୂର୍ବରେ ହଶକାହ ପ୍ରଦେଶରେ ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ସଂପ୍ରଦାୟର ମହିଳା। ଏହି ଗ୍ରୁପରେ ୫୦ ମହିଳା ଅଛନ୍ତି ଏବଂ ଏମାନଙ୍କ ପ୍ରଶିକ୍ଷଣ ଶିବିର ସିରିୟାର ଅଲ-କହତନିଏ ସହରରେ ରହିଛି। ବେବିଲୋନିଆ କହିଛନ୍ତି ପିଲାଙ୍କ ଭବିଷ୍ୟକୁ ସୁରକ୍ଷିତ କରିବା ପାଇଁ ସେ ଆଇଏସଆଇଏସ ବିରୋଧରେ ଅସ୍ତ୍ର ଉଠାଇଛନ୍ତି। ସିରିୟାରେ ୮୯ହଜାର ଖ୍ରୀଷ୍ଟିଆନ ବସବାସ କରୁଥିଲେ ହେଁ ଆଇଏସ ଆତଙ୍କବାଦୀଙ୍କ ଭୟରେ ଏମାନଙ୍କ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି।

## ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ସୁନ୍ଦର ଆଖି

ମଣିଷ ଶରୀରରେ ଆଖି ହେଉଛି ସବୁଠାରୁ ସୁନ୍ଦର ଭାଗ । ଯାହା ଆପଣଙ୍କ ସୁନ୍ଦରତାକୁ ଆହୁରି ବଢାଇ ଦେଇଥାଏ । ଯଦି ଆପଣ ଆପଣଙ୍କ ଆଖିକୁ ସୁନ୍ଦର କରିବାକୁ ଚାହାନ୍ତି ତେବେ, ସ୍ମୋକିକ ଆଇଜ୍ ପାଇଁ ସର୍ବଦା ଗ୍ରେ ଏବଂ କଳା ରଙ୍ଗର ଆଇସ୍ୟାଡୋର ମିଶ୍ରଣକୁ କଳା ସହିତ ଲଗାନ୍ତୁ । ଏଥିପାଇଁ ସର୍ବପ୍ରଥମେ ଆଇବ୍ରୋର ତଳ ଭାଗରେ ରହିଥିବା ହାଡରୁ ଟିକେ ତଳକୁ ଆଖିପତାରେ ଗ୍ରେ ରଙ୍ଗର ଆଇସ୍ୟାଡେ ଲଗାନ୍ତୁ । ଏହାପରେ ଆଖିର ତଳ ଏବଂ ଉପର ଦୁଇ ଭାଗରେ କଳା ଲଗାନ୍ତୁ । ଏହା ଆଖିର ସୁନ୍ଦରତା ବଢେଇ ଦେଇଥାଏ ।

## କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ହାନିକାରକ

ଆପଣଙ୍କ ଶରୀର ପାଇଁ କ୍ଷତିକାତ୍ ସାବ୍ୟସ୍ତ ହୋଇପାରେ। ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ଓ ଲୁଣ ପ୍ରତିକ୍ରିୟା କରି ଏଭଳି ଏକ ହାନିକାରକ ରସାୟନ ନିର୍ମାଣ କରୁଛନ୍ତି, ଯାହା ଆପଣଙ୍କୁ ଡାକ୍ତରଖାନାରେ ପହଞ୍ଚାଇଦେବ। ଗବେଷକମାନେ ଅନେକ ଅଣୁମାନଙ୍କର ସନ୍ଧାନ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ନୂଆ ଓ କ୍ଲୋରାମିନ୍ ଯୁକ୍ତ ପାଣି ଓ ଖାଦ୍ୟରେ ଥିବା ଆୟୋଡ଼ିନ୍ ଯୁକ୍ତ ଲୁଣ ମଧ୍ୟରେ



ପ୍ରତିକ୍ରିୟାରୁ ସୃଷ୍ଟି ହୋଇଛନ୍ତି। ପାଣିକୁ ସ୍ୱଚ୍ଛ କରିବା ପାଇଁ ସେଥିରେ କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସର ଅଣୁ ମିଶାଯାଇଥାଏ। ଗବେଷକଙ୍କ ମତରେ ପାଇପ୍ ପାଣିରେ ଉପସ୍ଥିତ ଥିବା କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସ ଆୟୋଡ଼ିନ୍ ଲୁଣ ସହ ପ୍ରତିକ୍ରିୟା କରି ହାଇପୋଆୟୋଡ଼ସ୍ ଏସିଡ଼ ନିର୍ମାଣ କରିଥାଏ। ଯାହା ସାଧାରଣତଃ ହାନିକାରକ ନୁହେଁ। କିନ୍ତୁ ଯେତେବେଳେ ଏସିଡ଼ ଖାଦ୍ୟ ରାନ୍ଧିବା ସମୟରେ ପାଇପ୍ ପାଣିରେ ଉପସ୍ଥିତ ଅଣୁ ଓ ଅନ୍ୟ କାର୍ବନିକ୍ ପଦାର୍ଥ ସହିତ ପ୍ରତିକ୍ରିୟା କରିଥାଏ। ସେତେବେଳେ ସେଥିରେ ହାନିକାରକ ଆୟୋଡ଼ିନ୍ ଯୁକ୍ତ ଜୀବାଣୁ ନାଶକ ତିଆରି ହୋଇଥାଏ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ ।



ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
## ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୪, ଅପ୍ରେଲ ୯**

# ବିପର୍ଯ୍ୟୟକୁ ମୁକାବିଲାରେ ଓଡ଼ିଶାର ଶ୍ରେଷ୍ଠତା



ବାଦଲ ଭୂୟାଁ

କହିବାକୁଗଲେ ପ୍ରାକୃତିକ ବିପର୍ଯ୍ୟୟ ଓଡ଼ିଶାର ଚିରସହଚର। ଏହି ପ୍ରାକୃତିକ ବିପର୍ଯ୍ୟୟ ଓଡ଼ିଶାର ଆର୍ଥିକ ଅଭିବୃଦ୍ଧି ପାଇଁ କେବଳ ବାଧକ ସାଜି ନଥାଏ ଲୋକମାନଙ୍କ ଅର୍ଥନୀତିକୁ ଅନେକ ପଛେଇ ଦେଇଥାଏ। ବିପର୍ଯ୍ୟୟର ଆର୍ଥିକ ଚାପ ଅନେକ ପରିବାରର ଆର୍ଥିକ ମେରୁଦଣ୍ଡକୁ ଏକ ପ୍ରକାର ଦୋହଲାଇ ଦେଇଥାଏ ଯାହାର ଚାପ ସେମାନଙ୍କର ପରବର୍ତ୍ତୀ ପିଢ଼ି ପାଇଁ ମଧ୍ୟ ମୁସ୍କିଲ ହୋଇପଡ଼ିଥାଏ। ତେବେ ଆମ ବୀର ଓଡ଼ିଶାବାସୀମାନେ କୌଣସି ପରିସ୍ଥିତିରେ ଏହାକୁ ସାହାସର ସହ ସାମ୍ନା କରିଛନ୍ତି କିନ୍ତୁ ମୁଣ୍ଡ ନୁଆଁଇ ନାହାନ୍ତି ତେବେ ସବୁଠାରୁ ବଡ଼ କଥା ହେଉଛି ଓଡ଼ିଶାବାସୀଙ୍କ ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିପର୍ଯ୍ୟୟ ପରିଚାଳନା ମୁକାବିଲା କ୍ଷେତ୍ରରେ ଶୂନ୍ୟ ସହନଶୀଳ ନୀତି ଆପଣାଇ ଥାନ୍ତି ଯାହାଦ୍ୱାରା ଜଣଙ୍କର ଜୀବନ ଯେପରି ନଷ୍ଟ ନହୁଏ ଏହା ହିଁ ବଡ଼ କଥା। ଏହି ଗୋଟିଏ ଧାଡ଼ିରୁ ତାଙ୍କର ରାଜ୍ୟବାସୀଙ୍କ ପ୍ରତି ଶ୍ରଦ୍ଧା ସ୍ୱତଃ ଜଣାପଡ଼େ। ନିକଟରେ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଏକ ବିଶ୍ୱବ୍ୟାଙ୍କର ତଥ୍ୟ କୋଟି କୋଟି ଓଡ଼ିଆଙ୍କୁ ଆନନ୍ଦ ଦେଇଛି। ବିପର୍ଯ୍ୟୟ ମୁକାବିଲା ପାଇଁ ବିଭିନ୍ନ ଦେଶକୁ ସହଯୋଗ ପ୍ରଦାନ କରୁଥିବା ବିଶ୍ୱବ୍ୟାଙ୍କ ଓଡ଼ିଶାର ବିପର୍ଯ୍ୟୟ ପରିଚାଳନାକୁ ସ୍ୱୀକୃତି ଦେବା ସହ ନିଜ ଏକ ପ୍ରେରଣାଦାୟୀ ଉଦାହରଣ ଭାବରେ ନିଜ ୱେବସାଇଟରେ ପ୍ରକାଶ କରିଛି। ବିଶ୍ୱବ୍ୟାଙ୍କ ୱେବସାଇଟରେ ପ୍ରକାଶ ପାଇଥିବା ଏକ ଆଲେଖ୍ୟରେ ଓଡ଼ିଶାର ସମ୍ପୂର୍ଣ୍ଣ ଯାତ୍ରା ସମ୍ପର୍କରେ ଉଲ୍ଲେଖ କରାଯାଇଛି।

୧୯୯୯ର ମହାବାତ୍ୟାରେ ୧୦ ହଜାରରୁ ଉର୍ଦ୍ଧ୍ୱ ଓଡ଼ିଆଙ୍କ ଜୀବନ ଦୀପ ନିର୍ବାପିତ କରିଥିଲା ଓ ୧୮ ନିୟୁତ ଲୋକ ପ୍ରଭାବିତ ହୋଇଥିଲେ। ସେହିପରି ଓଡ଼ିଶାର ଅର୍ଥନୀତି ଏକ ପ୍ରକାର ଧ୍ୱଂସ ବିଧ୍ୱଂସ ମୁହାଁ ହୋଇଯାଇଥିଲା। ତେବେ ୨୦୧୩ରେ ବାତ୍ୟା ଫାଇଲିନ ଓ ୨୦୧୯ରେ ଫନି ଏ ସବୁକୁ ଓଡ଼ିଶା ଯେଉଁପରି ଭାବେ ମୁକାବିଲା କରି ପରବର୍ତ୍ତୀ ସମୟରେ ମୁଣ୍ଡ ଟେକି ଛିଡ଼ା ହୋଇପାରିଛି ଏସବୁର ଶ୍ରେୟ ଓ ସାମର୍ଥ୍ୟ ରାଜ୍ୟବସୀଙ୍କ ସହ ଓଡ଼ିଶାର ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦିଆଯିବ। ଗତ ପାଞ୍ଚ ବର୍ଷରେ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶାକୁ ଉଲ୍ଲେଖନୀୟ ସଫଳତା ମିଳିବା ସହ ସଫଳ ବିପର୍ଯ୍ୟୟ ପରିଚାଳନା ପାଇଁ ଜାତୀୟ ସ୍ତରରେ ଓଡ଼ିଶା ପୁରସ୍କୃତ ହୋଇଛି। ଓଡ଼ିଶାର ଲୋକପ୍ରିୟ ସରକାର ଗ୍ରହଣ କରିଥିବା ଏକାଧିକ ପଦକ୍ଷେପ ଯୋଗୁ ଏଭଳି ସଫଳତା ମିଳିଥିବା ବିଜେଡ଼ିର ରାଷ୍ଟ୍ରୀୟ ମୁଖପାତ୍ର ଡକ୍ଟର ସଂତୃପ୍ତ ମିଶ୍ର କହିଛନ୍ତି। ସୂଚନାଥାଉକି କଟକ ସଂସଦୀୟ ନିର୍ବାଚନ କ୍ଷେତ୍ର ପରି ଏକ ଗୁରୁତ୍ୱପୂର୍ଣ୍ଣ ଓ ସମ୍ମାନଜନକ କ୍ଷେତ୍ର ପାଇଁ ବିଜେଡ଼ି ତାଙ୍କୁ ମନୋନୀତ କରିଛି।

ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ସମଗ୍ର ଭାରତରେ ଓଡ଼ିଶାଏକ ଦୂରଦୃଷ୍ଟି ସମ୍ପନ୍ନ ରାଜ୍ୟ। ଯଦିଓ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶା ଏକ ମଡ଼େଲ ରାଜ୍ୟ ଭାବେ ଭାରତରେ ଉଭା ହୋଇଛି। ତଥାପି ଏ କ୍ଷେତ୍ରରେ ଅନେକ କାର୍ଯ୍ୟକ୍ରମ ପରିଚାଳନା କରିବାର ଯଥେଷ୍ଟ ଗୁରୁଦାୟିତ୍ୱ ରହିଛି। ଜଳବାୟୁ ପରିବର୍ତ୍ତନ ବିପଦ ରାଜ୍ୟର ବିକାଶ ଧାରାକୁ କେଇ ଦଶନ୍ଧି ପର୍ଯ୍ୟନ୍ତ ପଛକୁ ଠେଲି ଦେବାର ସମ୍ଭାବନା ସୃଷ୍ଟି ହେଉଛି। ଦିନକୁ ଦିନ ବାତ୍ୟାଗୁଡ଼ିକର ତୀବ୍ରତା ଅତି ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି। ଯାହାଫଳରେ ଜନସାଧାରଣଙ୍କ ସକାଶେ ସରକାରୀ କଳ ବିପର୍ଯ୍ୟୟ ପ୍ରଶମନ ପାଇଁ ପ୍ରସ୍ତୁତ ହେବା ସକାଶେ କମ ସମୟ ଉପଲବ୍ଧ ହେଉଛି। ଅଣୁ ସ୍ତରରେ ଜଳବାୟୁ ପରିବର୍ତ୍ତନଜନିତ ବିପଦ ଆକଳନ କରିବା ଦ୍ୱାରା ଓଡ଼ିଶା ଏହାର ଜୀବନ ଓ ଭିତ୍ତିଭୂମିକୁ ଭଲ ଭାବେ ସୁରକ୍ଷା ପ୍ରଦାନ କରିପାରିବ। ଜଳବାୟୁ ବିପଦ ଆଟଲାସ ବ୍ୟବହାର କରି ଏପରି ଆକଳନମାନ କରାଯାଇପାରିବ ଏବଂ ଏହି ଆକଳନ ଆଧାରରେ କେଉଁପ୍ରକାର ପ୍ରଭାବ ପଡ଼ିବ ସେ କଥା ଦର୍ଶାଇ ସର୍ବସାଧାରଣଙ୍କ ପାଇଁ ସତର୍କ ସୂଚନାମାନ ଜାରି କରାଯାଇପାରିବ। ଆମେମାନେ ମଧ୍ୟ ଆମର ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିଗୁଡ଼ିକୁ ଜଳବାୟୁ ପ୍ରଭାବ ନିରୋଧୀ କରିବା ସକାଶେ ଆଗଭର ହୋଇ କାର୍ଯ୍ୟ କରିବା ଉଚିତ। ଯାହାଫଳରେ କ୍ଷୟକ୍ଷତିକୁ ହ୍ରାସ କରାଯାଇପାରିବ ଏବଂ ଶୀଘ୍ର ସ୍ୱାଭାବିକ ଅବସ୍ଥାକୁ ଫେରି ଆସିବା ସମ୍ଭବ ହୋଇପାରିବ। ଓଡ଼ିଶା ଏପରି ବାତ୍ୟା ଆଶ୍ରୟସ୍ଥଳୀ ମାନ ନିର୍ମାଣ କରିଛି, ଯାହାକି ଘଣ୍ଟା ପ୍ରତି ୨୮୦ କିଲୋମିଟର ବେଗରେ ବାତ୍ୟା ପବନକୁ ମୁକାବିଲା କରିପାରିବ। ଏହା ସଙ୍ଗେ ସଙ୍ଗେ ଓଡ଼ିଶା ସରକାର ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିକୁ ବାତ୍ୟା ନିରୋଧ କରିବା ଦରକାର। ଓଡ଼ିଶା ସରକାର ଆଞ୍ଚଳିକ ସ୍ତରରେ ବିପର୍ଯ୍ୟୟ ପ୍ରଶମନ ପ୍ରାଧିକରଣମାନ ଗଠନ କରିବା ଉଚିତ। ଯେଉଁଗୁଡ଼ିକ ବିପଦ ପ୍ରବଣ ଗୋଷ୍ଠୀ ଗୁଡ଼ିକର ଜଳବାୟୁ ପରିବର୍ତ୍ତନ ବିପଦର ମୁକାବିଲା କରିବାର ସାମର୍ଥ୍ୟ ସୃଷ୍ଟି କରିବେ ଏବଂ ଦୀର୍ଘକାଳୀନ ଭିତ୍ତିରେ ବିସ୍ଥାପନକୁ ନିୟନ୍ତ୍ରଣ କରିବେ। ପୁନଶ୍ଚ ରାଜ୍ୟ ସରକାର ପ୍ରକୃତିଭିତ୍ତିକ ସମାଧାନ ପନ୍ଥାଗୁଡ଼ିକ ଯେପରିକି ହେନ୍ତାଳବଣ ଭଳି ଜୀବନ୍ତ ପ୍ରାଚୀର, ସହରାଞ୍ଚଳର ସବୁଜୀକରଣ ଓ ଅଧିକ କ୍ଷେତ୍ରରେ ପୁଞ୍ଜି ବିନିଯୋଗ କରିବା ଉଚିତ। ସିଇଇଡବ୍ଲ୍ୟୁ ପକ୍ଷରୁ ନିକଟରେ ଜାରି କରାଯାଇଥିବା ଜଳବାୟୁ ବିପଦ ପ୍ରବଣତା ମାନଙ୍କ ଅନୁଯାୟୀ ଓଡ଼ିଶା ଦେଶର ସର୍ବାଧିକ ବିପଦପ୍ରବଣ ରାଜ୍ୟ ଗୁଡ଼ିକ ମଧ୍ୟରେ ଅନ୍ୟତମ। ଓଡ଼ିଶାର ୨୩ଟି ଜିଲ୍ଲା ବାତ୍ୟା, ବନ୍ୟା ଓ ମରୁଡ଼ି ପରି ଚରମ ଜଳବାୟୁ ପରିବର୍ତ୍ତନ ଦୃଷ୍ଟିରୁ ଅତ୍ୟନ୍ତ ବିପଦପ୍ରବଣ ଅଞ୍ଚଳ। ଏ ନେଇ ଯଦିଓ ସଚେତନତା ବଢ଼ିଲାଣି। ଏଠାରେ ସୂଚନା ଥାଉକି ୨୦୧୧ର ଜନଗଣନା ଅନୁଯାୟୀ ୩.୪ କୋଟି ଓଡ଼ିଆ ଲୋକ ଜଳବାୟୁ ପରିବର୍ତ୍ତନ ଜନିତ ବିପଦପ୍ରବଣର ଶିକାର ହେବାର ନିଶ୍ଚିତ ସମ୍ଭାବନା ସୃଷ୍ଟି ହୋଇଛି। ବାଲେଶ୍ୱର, ଗଞ୍ଜାମ, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ପୁରୀ ଭଳି ଉପକୂଳ ଜିଲ୍ଲା ଗୁଡ଼ିକ ପ୍ରତି ଏପରି ବିପଦର ସର୍ବାଧିକ ଆଶଂକା ରହିଛି। ୧୯୭୦ରୁ ୨୦୧୯ (୪୯) ବର୍ଷ ମଧ୍ୟରେ ରାଜ୍ୟରେ ବାତ୍ୟା ଘଟଣା ୪ ଗୁଣ ବୃଦ୍ଧି ପାଇଛି। ଏହି ସମୟ କାଳରେ ଜୁଆର ମାଡ଼ି ଆସିବା ଘଟଣାମାନ ୩ଗୁଣ ବୃଦ୍ଧି ପାଇଛି। ସ୍ଥାନୀୟ ଭାବେ ବଦଳୁଥିବା ପାଣିପାଗରେ ମାଇକ୍ରୋ କ୍ଲାଇମେଟ ସାମୂହିକ ପ୍ରଭାବପ ଦ୍ୱାରା ହେଉଥିବା ପରିବର୍ତ୍ତନ ହିଁ ଭାରତର ପୂର୍ବ ଉପକୂଳ ବଙ୍ଗୋପସାଗରରେ ଅଧିକ ସଂଖ୍ୟକ ବାତ୍ୟା ପରି ପରିସ୍ଥିତିମାନ ସୃଷ୍ଟି କରୁଛି, ଯାହାଫଳରେ ଅତିବୃଷ୍ଟି, ଆକସ୍ମିକ ଜୁଆର ମାଡ଼ିଯିବା ଓ ବାତ୍ୟ ସଂଗଠିତ ହେଉଛି। ଏସବୁ ବ୍ୟତୀତ ଓଡ଼ିଶାର ୨୫ ପ୍ରତିଶତ ଜିଲ୍ଲାରେ ପ୍ରାକୃତିକ ବିପର୍ଯ୍ୟୟ ଗୁଡ଼ିକର ଅଦଳବଦଳ ହେବାର ଘଟଣାମାନ ଦେଖିବାକୁ ମିଳୁଛି। ୧୯୯୯ ମସିହା ମହାବାତ୍ୟା ପରେ ଓଡ଼ିଶା ଭାରତରେ ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ପ୍ରତିଷ୍ଠା କରିଥିଲା। ୨୦୦୫ରେ ଓଡ଼ିଶା ଢାଞ୍ଚାରେ କେନ୍ଦ୍ର ସରକାର ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ପ୍ରତିଷ୍ଠା କରିଥିଲେ। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ସ୍ଥାନୀୟ ଜନସାଧାରଣଙ୍କୁ ବିପର୍ଯ୍ୟୟ ପରିଚାଳନାରେ ଭାଗିଦାର କରିବାରେ ଓଡ଼ିଶା ସରକାରଙ୍କ ଅଭିନବ ଉଦ୍ୟମ ସଫଳ ହୋଇଛି। ତୃଣମୂଳସ୍ତରର ଗ୍ରାମ ପଞ୍ଚାୟତ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ୧ ଲକ୍ଷରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ବିପର୍ଯ୍ୟୟ ବିପଦକୁ ହ୍ରାସ କରିବା ଏବଂ ଉଦ୍ଧାର କାର୍ଯ୍ୟ ଓ ରିଲିଫ କାର୍ଯ୍ୟ ପରିଚାଳନା ପାଇଁ ତାଲିମ ପ୍ରାପ୍ତ ହୋଇଛନ୍ତି। ପ୍ରତି ପରିବାରରେ ବିପର୍ଯ୍ୟୟ ଯୋଦ୍ଧା ସୃଷ୍ଟି ସହ ସ୍କୁଲ ପାଠ୍ୟକ୍ରମରେ ମଧ୍ୟ ବିପର୍ଯ୍ୟୟ ପରିଚାଳନାକୁ ସାମିଲ ପାଇଁ ପଦକ୍ଷେପ ନିଆଯାଇଛି। ଏକ ଉପକୂଳବର୍ତ୍ତୀ ରାଜ୍ୟ ଭାବରେ ଓଡ଼ିଶାକୁ ବାରମ୍ବାର ତୀବ୍ର ଘୂର୍ଣ୍ଣିଝଡ଼, ମରୁଡ଼ି, ଅତ୍ୟଧିକ ବୃଷ୍ଟିପାତ, ବନ୍ୟା, ଫ୍ଲାସଫ୍ଲଡ଼, ବଜ୍ରପାତ, ସୁନାମି ଏବଂ ସମୁଦ୍ର ପତ୍ତନ ବୃଦ୍ଧି ଭଳି ବିପଦ ସାମ୍ନା କରିବାର ଆଶଙ୍କା ରହିଛି। ଓଡ଼ିଶାର ଉପକୂଳକୁ ସମୁଦ୍ର କ୍ଷୟରୁ ରକ୍ଷା କରିବା ପାଇଁ ମଧ୍ୟ ଏକ ଜରୁରୀ ଆବଶ୍ୟକତା ରହିଛି। ନବ ନିର୍ମାଣର ନୂଆ ବିନ୍ଧାଣୀ ନବୀନ ଓଡ଼ିଶା ତଥା ୫ଟିର ଅଧ୍ୟକ୍ଷ ଭି.କାର୍ତ୍ତିକ ପାଣ୍ଡିଆନଙ୍କ ଯେଉଁ ଓଡ଼ିଶାର ବିକାଶ ପାଇଁ ସ୍ୱତନ୍ତ୍ର ଭିଜନ ରହିଛି ତାହା ବାସ୍ତବାଭିମୁଖୀ ହେବାସହ ନିକଟରେ ଓଡ଼ିଶା ଗସ୍ତରେ ଥିବା ବିଶ୍ୱବ୍ୟାଙ୍କ ଭାରତ ଶାଖାର ନିର୍ଦ୍ଦେଶକ ଅଗଷ୍ଟେ ଟାନୋ କୌଆମେ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ସହିତ ଏହି ପ୍ରସଙ୍ଗରେ ଆଲୋଚନା କରିବା ସହିତ ରାଜ୍ୟର ବିଭିନ୍ନ ପଦକ୍ଷେପକୁ ମଧ୍ୟ ପ୍ରଶଂସା କରିଛନ୍ତି। ଓଡ଼ିଶାବାସୀ ପ୍ରାକୃତିକ ବିପର୍ଯ୍ୟୟକୁ ଯେଉଁପରି ଭାବେ ମୁକାବିଲା କରୁଛନ୍ତି ଓ ଓଡ଼ିଶା ସରକାର ଏହାକୁ ଯୁଦ୍ଧକାଳୀନ ଭିତ୍ତିରେ ମୁକାବିଲା କରି ଧନଜୀବନ ହାନୀ ଯେପରି ନହୁଏ ସେ ଦିଗ ପ୍ରତି ଯେଉଁପରି ଯତ୍ନବାନ ହେଉଛନ୍ତି ଏହାର ଶ୍ରେୟ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନିଶ୍ଚିତ ଭାବରେ ଦିଆଯିବ।

*୪ଜି, ପ୍ରତାପ ଆପାର୍ଟମେଣ୍ଟ, ୭ଏକ୍ସଟେନସନ ରୋଡ଼, ପୁରୁଣା ସୋନାରି, ଜାମସେଦପୁର, ଝାରଖଣ୍ଡ,*
*ଦୂରଭାଷ : ୯୨୦୪୬୫୨୦୬୫ / ୭୪୮୮୯୯୮୫୩୨*

# ରାଜନୀତି ସୁବିଧାବାଦର ମହାରଣ୍ୟ

> ରାଜନୀତି ବଡ଼ ବିଚିତ୍ର । ବେଶ୍ୟାର ପ୍ରଣୟ ଅଥବା ଜହ୍ନର ଛାଇରେ ବରଂ କେତେକ ସ୍ଥିରତା ଥାଇପାରେ, ମାତ୍ର କ୍ଷମତା ରାଜନୀତିରେ ବନ୍ଧୁତା ଓ ବୈରୀତ୍ୱ ଚଳା ମେଘ ପରି ଅସ୍ଥିର । ଏଇ ମୁହୂର୍ତ୍ତ ରେ ଶତ୍ରୁ ପର ମୁହୂର୍ତ୍ତରେ ପରମ ସୁହୃଦ ଓ ବାନ୍ଧବ କ୍ଷ ଯେଉଁ ଛୁରୀଟା ଏତେକାଳ ପଜା ଚାଲିଥିଲା ଶତ୍ରୁର ବେକରେ ପଡିବା ପାଇଁ, ନିମିଷେକ ମଧ୍ୟରେ ତାହା ପୁଣି ମିତ୍ରର ବେକ ଉପରକୁ ଛିଟିକି ଆସେ ।
>
> ରାଜନୀତି ସୁବିଧାବାଦର ଏକ ମହାରଣ୍ୟ - ଆତ୍ମରକ୍ଷା ଓ ଆତ୍ମସ୍ୱାର୍ଥ ହେଲା ସେଠାରେ ଏକମାତ୍ର ଧର୍ମ
>
> ସୁରେନ୍ଦ୍ର ମହାନ୍ତି ( ଉପନ୍ୟାସ 'ନୀଳଶୈଳ )



ପୂର୍ଣ୍ଣଚନ୍ଦ୍ର ବହଳୀ

ପ୍ରଖ୍ୟାତ କଥାଶିଳ୍ପୀ ସୁରେନ୍ଦ୍ର ମହାନ୍ତିଙ୍କ ଏକ ଲେଖା 'ରାଜନୀତି ସୁବିଧାବାଦର ମହାରଣ୍ୟ ' କିଭଳି ଏକ ନିଚ୍ଛକ ସତ୍ୟର ପରିପ୍ରକାଶ ଥିଲା ଓ ଆଜିର ରାଜନୀତିରେ କିଭଳି ଉଲଗ୍ନ ଭାବେ ଦଣ୍ଡାୟମାନ ତାହାର ଆଲୋଚନା ଏହି ଆଲେଖ୍ୟର ଉଦ୍ଦେଶ୍ୟ । ସର୍ବବୃହତ ଗଣତନ୍ତ୍ର ରାଷ୍ଟ୍ର ଭାରତରେ ନିର୍ବାଚନ ହେବାକୁ ଯାଉଛି କ୍ଷ ନିର୍ବାଚନ କାହା ପାଇଁ ହେଉଛି, କାହିଁକି ହୁଏ ତାହା ଏ ପର୍ଯ୍ୟନ୍ତ ବି ବହୁ ଲୋକ ବୁଝି ନ ଥିବେ କ୍ଷ ତେବେ ଯାହା ବି ଆମେ ବୁଝିଛେ ତାହା କଣ ସତରେ ନିର୍ବାଚନର ପରବର୍ତ୍ତୀ ସମୟରେ ଉପଲବ୍ଧି ହୁଏ କ୍ଷ ଏହି ଉପଲବ୍ଧି ହେବା ନ ହେବା ଭିତରେ ପୁଣି ପାଞ୍ଚ ବର୍ଷ ପାଇଁ ନିର୍ବାଚନ ଆରମ୍ଭ ହୋଇଯାଏ କ୍ଷଏଠାରେ କହିବା କଥା ବର୍ତ୍ତମାନ ନିର୍ବାଚନ ଯେନତେନ ପ୍ରକାରେ କ୍ଷମତାକୁ ଜାବୁଡ଼ି ରଖିବାର ଏବଂ କ୍ଷମତାର ଖେଳ କହିଲେ ଅତୁକ୍ତି ହେବ ନାହିଁ । ପରିବାରବାଦ ରାଜନୀତି, ଏଣ୍ଟୁଅ ଭଳି ରଙ୍ଗ ବଦଳାଉଥିବା ରାଜନୀତି, ଗଣତନ୍ତ୍ର ବଦଳରେ ଜଣତନ୍ତ୍ର କ୍ରମଶଃ ବ୍ୟାପକ ହେଉଛି । ନା କୌଣସି ଆଦର୍ଶ ଅଛି ନା ନୀତି । ପରିବାରବାଦ ରାଜନୀତି , ବାପ ବଦଳରେ ପୁଅ /ଝିଅ/ ସ୍ତ୍ରୀ,କେଉଁଠି ପରିବାରରେ ଦୁଇ ତିନିଜଣ ବା କେଉଁଠି ନେତା ନେତ୍ରୀଙ୍କ ବିୟୋଗରେ ତାଙ୍କ ଉତ୍ତରାଧିକାରୀମାନଙ୍କ ଶାସନ ବ୍ୟବସ୍ଥାରେ ବ୍ୟାପକ ହେଉଛି । ଏ ବ୍ୟବସ୍ଥା ଜାତୀୟ ଦଳ ହେଉ କିମ୍ବା ଆଞ୍ଚଳିକ ଦଳ ହେଉ ସବୁଠି ବ୍ୟାପ୍ତ କ୍ଷ ବହୁ ବ୍ୟକ୍ତି ସମାଜ ପ୍ରତି ହେଉ ବା ଦଳ ପ୍ରତି ହେଉ କୌଣସି ଅବଦାନ ନ ଥାଇ ରାତାରାତି ବି ଜନତାର ସେବକ ପାଲଟିଯାଉଛନ୍ତି କ୍ଷକିଏ କମ ବା କିଏ ବେଶୀ ସବୁ ରାଜନୈତିକ ଦଳ ଏହି ବ୍ୟାଧିରେ ପୀଡିତ । ଯେମିତି ପୁରୁଣା ଗୀତଟିଏ ଥିଲା ''ପାନ ଗୁଆ ଖଇର ଗୁଆକାତି, ଆହା କି ସୁନ୍ଦର ରାଜନୀତି'' । ରାଜନୀତି ଏକ ସୁନ୍ଦର ବଗିଚା ଓ ଏହି ବଗିଚାରେ ଖେଳିବା ସେମାନଙ୍କ ପାଇଁ ଉପଯୁକ୍ତ ସ୍ଥାନକ୍ଷ ନିଜକୁ ଥଇଥାନ କରିବା ପାଇଁ ରାଜନୀତି ଏକ ପ୍ରକୃଷ୍ଟ କ୍ଷେତ୍ର ବୋଲି ସେମାନେ ଧରିନିଅନ୍ତି କ୍ଷ ଏଠି ସବୁକିଛି ମାଫ କ୍ଷ ଏଠାରେ ଲଜ୍ୟା, ସ୍ୱାଭିମାନ, କିଏ କଣ କହିଲା ନ କହିଲା ଚିନ୍ତା ନଥାଏ । ଅଭିନୟରେ ଧୁରନ୍ଧର ଏମାନେ । ପାଞ୍ଚ ବର୍ଷରେ ଥରେ ଗୋଡ଼ ଧରିବା ଠାରୁ ଆଖିରେ ଲୁହ ଗଡ଼ାଇବା ପର୍ଯ୍ୟନ୍ତ, କେଉଁଠି ଚା ଦୋକାନରେ ତ ଦହିବରା ଦୋକାନରେ ସାଧାରଣ ଲୋକଙ୍କ ସହ ମିଶି ନେତାମାନେ ନିଜେ ଜଣେ ସାଧରଣ ମଣିଷ ହୋଇଯିବାର ଅଭିନୟରେ ଭୋଟର ଭାଇ ବି ଖୁସି ହୋଇଯାଆନ୍ତି କ୍ଷ ଆହା କେତେବଡ ଲୋକଟିଏ ମୋ ପାଖକୁ ଆସିଥିଲା. କୃତ କୃତ ଭାବନାରେ ଉଚ୍ଛୁଳି ପଡେ । ବାସ ଲଟେରୀ ଲାଗିଲା ଯଦି ପାଞ୍ଚ ବର୍ଷ ପରେ କେତେ କର୍ମୀ କେତେ ଜନସାଧାରଣ ତାଙ୍କ ପାଦ ତଳେ ମୁଣ୍ଡିଆ ମାରିବେ ମନେ ମନେ ସେମାନେ କୁରୁଳି ଉଠନ୍ତି । ଏହି ପରିପ୍ରେକ୍ଷୀରେ ନିର୍ବାଚନ ପାଖେଇ ଆସିଲେ ଥାଏ ଦଳ ଡିଆଁ ପର୍ବ ।ଏମାନଙ୍କ ପାଖରେ ନୀତି ଆଦର୍ଶ ଆନୁଗତ୍ୟର ଅର୍ଥ କିଛି ନ ଥାଏ । ସବୁ ଦଳ ଏହି ଦଳ ଡିଆଁ ମାନଙ୍କୁ ଗ୍ରହଣ କରିନେବା ଦେଖାଯାଏ । କାଲି ପର୍ଯ୍ୟନ୍ତ ପରସ୍ପର ବିରୁଦ୍ଧରେ ବିଷ ଓଗାଳୁ ଥିବା ନେତା କିଏ ମିତ୍ର ହୋଇଯାଏ କିଏ ଶତ୍ରୁ ହୋଇଯାଏ । ରାଜନୈତିକ ଦଳମାନେ ନିଜ ଦଳରେ ଥିବା ପର୍ଯ୍ୟନ୍ତ ଉକ୍ତ ଡିଆଁ ରୋଗ ବ୍ୟକ୍ତିଟି ମହ ମହ ହୋଇ ବାସୁଥିବା ବେଳେ ଅନ୍ୟ ଦଳକୁ ଗଲେ ସେହି ବ୍ୟକ୍ତିଟି ଦୁର୍ଗନ୍ଧରେ ଭରିଯାଏ । ସବୁଠାରୁ ବିଡମ୍ବନା ନିଜକୁ ଅପ୍ରତିଦ୍ୱନ୍ଦୀ ଦଳ ରୂପେ ଛାତି ଫୁଲଉଥିବା ଦଳ ମାନେ ବି ଏହି ରୋଗରେ ପୀଡିତ । କିନ୍ତୁ ରାଜନୀତିର ଏହି ଖେଳରେ ବିଚରା ଜନତା ହିଁ ସବୁ ଠୁ କ୍ଷତିଗ୍ରସ୍ତ ହୁଏ କ୍ଷ ଆଜି ଯାହା ପାଇଁ ସେ ପରିବାରରେ, ଲୋକଙ୍କ ପାଖରେ ଶତ୍ରୁ ରୂପେ ବିବେଚିତ ହୋଇଥାଏ, ଯାହାପାଇଁ କେଉଁଠି ଲହୁ ଲୁହାଣ ହୋଇଥାଏ କାଲି ସେହି ନେତା ନିଜ ସ୍ୱାର୍ଥ ପାଇଁ ତାକୁ ବଳି ଚଢ଼ାଇଥାଏ ।

ଏହି ମର୍ମରେ ସୋସିଆଲ ମେଡିଆରେ ଜଣେ ଗୃହିଣୀଙ୍କର ମତ ଥିଲା ଯେ ସେ ଦଳ ଦେଖି ଭୋଟ ଦିଅନ୍ତି । ଏ ଡିଆଁ ଡେଇଁ ଯୋଗୁ ସେ ଜାଣି ପାରୁନାହାନ୍ତି କେଉଁ ଦଳ ଭଲ କେଉଁ ଦଳ ଖରାପ । କିନ୍ତୁ ପାର୍ଥୀଙ୍କ ବିଷୟରେ କିଛି ମତ ନଥିଲା । ଉକ୍ତ ଗୃହିଣୀ ଜଣକ ଯାହା କହିଲେ ସେହିଭଳି ବହୁ ଗୃହିଣୀ ଭୋଟର ଅଛନ୍ତି ଯେଉଁମାନେ ବ୍ୟକ୍ତିର ଭଲ ମନ୍ଦ ଗୁଣ ନ ଜାଣି ଦଳ ପ୍ରତି ଆନୁଗତ୍ୟ ହିସାବରେ ଭୋଟ ଦେଇଥାନ୍ତି ତାହା ନିଃସନ୍ଦେହ। ତେଣୁ ସେଠାରେ ବ୍ୟକ୍ତିର ଚରିତ୍ର କିଛି ମାନେ ନ ଥାଏ । ଏଭଳି କ୍ଷେତ୍ରରେ ଉପଯୁକ୍ତ ପାର୍ଥୀ ଚୟନ ହୋଇପାରେ ନାହିଁ ଯାହା ପ୍ରକୃତ ଗଣତନ୍ତ୍ର ପ୍ରତି ବିପଦ କ୍ଷକ୍ଷ ଦଳ ପ୍ରତି ଆନୁଗତ୍ୟ ସହିତ ପାର୍ଥୀ ଠିକ କି ଭୁଲ ଖୁବ କମ ଲୋକ(ଭୋଟର ) ବିଚାର କରନ୍ତି। ଦଳ ଡିଆଁମାନେ ତାହା ବି ଜାଣନ୍ତି ଓ ଏହା ହିଁ ଦଳ ଡିଆଁ ବ୍ୟକ୍ତିକୁ ଅଧିକ ସଖୋରାକ ଯୋଗାଇଥାଏ । ଯଦି ଦଳ ଭଲ ଲାଗୁନାହିଁ କିମ୍ବା ଆଲୋଚନା/ପର୍ଯ୍ୟାଲୋଚନାକୁ ସୁଯୋଗ ମିଳୁନାହିଁ ତେବେ ନିର୍ବାଚନର ବହୁ ପୂର୍ବରୁ ଦଳ ଛାଡିଲେ ହୁଏତ କିଛି ସମ୍ମାନ / ସ୍ୱାଭିମାନ ଅଛି ବୋଲି ଧାରଣା ସୃଷ୍ଟି ହୁଅନ୍ତା କିନ୍ତୁ ଟିକେଟ ମିଳିଲା ନାହିଁ ବା ପଦପଦବୀ ମିଳିଲା ନାହିଁ କହି ଦୀର୍ଘବର୍ଷ ଦଳ ସହ ସମ୍ପୃକ୍ତ ରହି ପୁଣି ସେହି ଦଳକୁ ଗାଳି କରିବା କେତେଦୂର ଯୁକ୍ତିଯୁକ୍ତ ତାହା ସମସ୍ତେ ବୁଝିବା ଆବଶ୍ୟକ ଓ ଏଭଳି ଲୋକଙ୍କୁ ଦଳମତ ନିର୍ବିଶେଷରେ ବିରୋଧ କରାଯିବା ଆବଶ୍ୟକ। କିନ୍ତୁ ଜଣେ ଲଙ୍ଗଳା ହୋଇ ନାଚିଲେ କିଏ ବା କଣ ପାରିବ ।

ଏଠାରେ ପ୍ରଖ୍ୟାତ କଥା ଶିଳ୍ପୀ ସୁରେନ୍ଦ୍ର ମହାନ୍ତିଙ୍କ' ନୀଳଶୈଳ ' ଉପନ୍ୟାସରେ ରାଜନୀତି ଉପରେ ଲିଖିତ ଏକ ନିଚ୍ଛକ ସତ୍ୟର ଅବତାରଣା କରୁଅଛି ।

ରାଜନୀତି ବଡ଼ ବିଚିତ୍ର । ବେଶ୍ୟାର ପ୍ରଣୟ ଅଥବା ଜହ୍ନର ଛାଇରେ ବରଂ କେତେକ ସ୍ଥିରତା ଥାଇପାରେ, ମାତ୍ର କ୍ଷମତା ରାଜନୀତିରେ ବନ୍ଧୁତା ଓ ବୈରୀତ୍ୱ ଚଳା ମେଘ ପରି ଅସ୍ଥିର। ଏଇ ମୁହୂର୍ତ୍ତ ରେ ଶତ୍ରୁ ପର ମୁହୂର୍ତ୍ତରେ ପରମ ସୁହୃଦ ଓ ବାନ୍ଧବ । ଯେଉଁ ଛୁରୀଟା ଏତେକାଳ ପଜା ଚାଲିଥିଲା ଶତ୍ରୁର ବେକରେ ପଡିବା ପାଇଁ, ନିମିଷେକ ମଧ୍ୟରେ ତାହା ପୁଣି ମିତ୍ରର ବେକ ଉପରକୁ ଛିଟିକି ଆସେ ।

ରାଜନୀତି ସୁବିଧାବାଦର ଏକ ମହାରଣ୍ୟ - ଆତ୍ମରକ୍ଷା ଓ ଆତ୍ମସ୍ୱାର୍ଥ ହେଲା ସେଠାରେ ଏକମାତ୍ର ଧର୍ମ

ତେବେ ଶେଷରେ ଏତକ କୁହାଯାଇପାରେ ଦଳମତ ନିର୍ବିଶେଷରେ ଜନସାଧାରଣ (ଭୋଟର ) ଚାହିଁଲେ ହି ସେମାନେ ଉପଯୁକ୍ତ ଶିକ୍ଷା ପାଇପାରନ୍ତେ।.

*ସମ୍ପାଦକ ଶିବାନୀ, ଭଦ୍ରକ*

# ଅଲିଭା କାଳି



କିଶୋର ଚନ୍ଦ୍ର ବେହେରା

ଆମ ଦେଶ ଭାରତ ପୃଥିବୀର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ରର ଗଣତନ୍ତ୍ରର ମହାପର୍ବର ରଣ ଭେରି ବାଜି ସାରିଛ ଫେବୃଆରୀ ତେର ତାରିଖ ଅପରାହ୍ନ ତିନିଟା ଠାରୁ। ଏହି ସାଧାରଣ ନିର୍ବାଚନରେ ୫୪୩ ବିଶିଷ୍ଟ ଲୋକ ସଭା ଆସନ ଓ ୩୮୪ ଆସନ ବିଶିଷ୍ଟ ଚାରୋଟି ରାଜ୍ୟ ବିଧାନସଭା ମଧ୍ୟରେ ଆନ୍ଧ୍ରପ୍ରଦେଶ, ଓଡ଼ିଶା, ଅରୁଣାଚଳ ପ୍ରଦେଶ ନିମନ୍ତେ ମୁଖ୍ୟ ନିର୍ବାଚନ ଆୟୋଗ ତାରିଖ ଘୋଷଣା କରିଛନ୍ତି। ଉକ୍ତ ନିର୍ବାଚନ ସାତୋଟି ପର୍ଯ୍ୟାୟରେ ଏପ୍ରିଲ ଉଣେଇଶ ତାରିଖ ଠାରୁ ଆରମ୍ଭ ହୋଇ ଜୁନ ଏକ ତାରିଖ ପର୍ଯ୍ୟନ୍ତ ମତଦାନ ଜାରି ରହିବ ।ଡାକବାଜି ଯନ୍ତ୍ର, ଲିଫଲେଟ୍, ପୋଷ୍ଟରରେ ଚାଲିବ ଯୁଦ୍ଧ। ଗଣତନ୍ତ୍ରର ମହାପର୍ବକୁ ଶାନ୍ତିଶୃଙ୍ଖଳା ସହ କରାଇବାକୁ ନିର୍ବାଚନ କମିଶନଙ୍କ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ। ଏଥିଲାଗି ବର୍ତ୍ତମାନ ଦେଶରେ ଏବେ ରାଜନୈତିକ ମାହୋଲ ରହିଛି ବେସ୍ ସରଗରମ । ନିର୍ବାଚନକୁ ଗଣତନ୍ତ୍ରର ସବୁଠାରୁ ବଡ ପର୍ବ ବୋଲି କୁହାଯାଏ । ଏହି ପବର୍ରେ ମତଦାତା ମାନେ ଅଧିକ ସଂଖ୍ୟାରେ ଭାଗନେବା ନିର୍ବାଚନ ଆୟୋଗଙ୍କ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ବିଭିନ୍ନ ସଚେତନତା ଜାଗ୍ରତ କରାଯାଉଛି ଯୁବ ଗୋଷ୍ଠୀ ମାନଙ୍କ ମଧ୍ୟରେ। ଏହି ମହାନ ପର୍ବରେ ଦେଶର ସମସ୍ତ ସାଧାରଣ ନାଗରିକ, ଆରକ୍ଷୀ ବାହିନୀ ଓ ସରକାରୀ ଅଧିକାରୀ ନିୟୋଜିତ ରହି ସଫଳ ରୂପାୟନ ନିମନ୍ତେ ସଦାସର୍ବଦା ଆପ୍ରାଣ ଉଦ୍ୟମ ଜାରୀ ରଖିଛନ୍ତି। ଏହି ମହାନ ପର୍ବର ସଫଳତା ହିଁ ହେଉଛି ରାଷ୍ଟ୍ର ବିକାଶର ମୂଳ ଆଧାର। ନିୟୋଜିତ ଅଧିକାରୀ ମାନଙ୍କ ମଧ୍ୟରେ ମତଦାନ କେନ୍ଦ୍ର ଦାୟିତ୍ୱରେ ଥିବା ପୁଲିଙ୍ଗ ଅଧିକାରୀ ଦଳଙ୍କ କାର୍ଯ୍ୟ ଗୁରୁତ୍ୱପୂର୍ଣ୍ଣ। ବାସ୍ତବରେ ନିର୍ବାଚନ ପର୍ବର ସମସ୍ତ ସର୍ବ ଶ୍ରେଷ୍ଠ ଶ୍ରେୟ ଯାଇଥାଏ ପୁଲିଙ୍ଗ ଅଧିକାରୀ ଦଳଙ୍କୁ। ମତଦାନ ଦିନ ମତଦାନ କେନ୍ଦ୍ରକୁ ଭୋଟ ଦେବା ପାଇଁ ଆସୁଥିବା ବ୍ୟକ୍ତିଙ୍କର ନାମ ଭୋଟର ତାଲିକାରେ ଅଛି କି ନାହିଁ ପ୍ରଥମ ପୁଲିଙ୍ଗ ଅଧିକାରୀ ଯାଞ୍ଚ କରି ସାରିଲା ପରେ ଦ୍ୱିତୀୟ ପୁଲିଙ୍ଗ ଅଧିକାରୀ ନିକଟକୁ ଯାଇଥାଆନ୍ତି। ସହିତ ଅଧିକାରୀ ଜଣଙ୍କ ମତଦାତାର ବାମ ହସ୍ତ ତର୍ଜନୀ ବା ବିଶି ଆଙ୍ଗୁଠିରେ ଏକ 'ଅଲିଭା କାଳି' ଲଗାଇ ଥାନ୍ତି। ଆଙ୍ଗୁଳିରେ ଏହି କାଳି ବହୁତ ଦିନ ପର୍ଯ୍ୟନ୍ତ ରହିଥାଏ ଯାହା ଲିଭି ନଥାଏ । ଥରେ ଭୋଟ ଦେବା ପରେ ଜଣେ ବ୍ୟକ୍ତି ଯେପରି ଆଉଥରେ ଭୋଟ ନେଦଇ ପାରିବ ସେଥିପାଇଁ ଏପରି କରାଯାଏ । ସୂଚନା ମୁତାବକ ନିର୍ବାଚନରେ ବ୍ୟବହାର କରାଯାଉଥିବା କାଳି ଭାରତରେ ମାତ୍ର ଗୋଟିଏ କମ୍ପାନୀ ତିଆରି କରିବା ପାଇଁ ଭାରତ ସରକାର ଅନୁମୋଦନ କରିଛନ୍ତି। ମୈସୁର ପେଣ୍ଟ ଏଣ୍ଡ ବାର୍ନିସ ଲିମିଟେଡ ନାମକ ଏକ କମ୍ପାନୀ ଏହି ନୀଳ ରଙ୍ଗର କାଳି ଉତ୍ପାଦନ କରେ । ଏମବିପିଏଲ ନାମକ ଏହି କମ୍ପାନୀ ଏହି କାଳିକୁ ଖୁଚୁରାରେ ବିକ୍ରି କରେ ନାହିଁ । କିନ୍ତୁ ଏହି କାଳିକୁ ସରକାର କିମ୍ବା ନିର୍ବାଚନ ସହ ଯଡିତ ଏଜେନ୍ସି କିଣିଥାଆନ୍ତି । ଏହି କମ୍ପାନୀ ଭାରତର ଏହି କାଳିର ଏକ ମାତ୍ର ଅଧିକୃତ ଯୋଗଣକାରୀ ଅଟେ । ଉକ୍ତ ଅଲିଭା କାଳିକୁ ଦେଶର ଦ୍ୱିତୀୟ ସାଧାରଣ ନିର୍ବାଚନ ଅର୍ଥାତ ୧୯୬୨ ମସିହା ଠାରୁ ଆରମ୍ଭ ହୋଇ ଏଯାବତ ବ୍ୟବହୃତ କରାଯାଉଛି। ଏହି କମ୍ପାନୀ ପାଖରେ ରାଷ୍ଟ୍ରୀୟ ଅନୁସନ୍ଧାନ ବିକାସ ନିଗମ ଦ୍ୱାରା ଦିଆଯାଇଥିବା ବିଶେଷ ଅନୁଜ୍ଞପ୍ତି ପ୍ରମାଣପତ୍ର ରହିଛି । ୧୯୬୨ ରେ ଭାରତୀୟ ନିର୍ବାଚନ ଅ?ୟାଗ ଆଇନ ମନ୍ତ୍ରଣାଳୟ, ରାଷ୍ଟ୍ରୀୟ ଭୌତିକ ପ୍ରେୟାଗଶାଳା ଓ ଏହି ନିଗମ ସହଯୋଗରେ କମ୍ପାନୀ ସହିତ ନିର୍ବାଚନ ପାଇଁ ଏହି କାଳିର ଯୋଗାଣ ପାଇଁ ବୁଝାମଣା ସ୍ୱାକ୍ଷରିତ କରାଯାଇଥିଲା । ଏହି ନିଳ ରଙ୍ଗର କାଳିକୁ ବନାଇବା ପାଇଁ ସିଲଭର ନାଇଟ୍ରେଡ ନାମକ ରାସାୟନିକ ପଦାଥର୍ର ବ୍ୟବହାର କରାଯାଏ ।କାଳି ଲାଗିଲା ପରେ ଏଥରେ ଥିବା ସିଲଭର ନା?ଇଟ୍ରଡ ଶରୀରରେ ଥିବା ଲବଣାଂଶ ସହ ମିଶି ସିଲଭର କ୍ଲୋରାଇଡେର ପରିଣତ ହୁଏ । ଯେବେ ସିଲଭର କ୍ଲୋରାଇଡ ପାଣିରେ ମିଶେ ସେତେବେଳେ ଏହା ତ୍ୱଚାରେ ଲାଖିଯାଏ । ଯେପରି ଏହି କାଳି ପାଣି ସଂସ୍ପର୍ଶରେ ଆସେ ଏହାର ରଙ୍ଗ ପରିବର୍ତ୍ତନ ହୋଇ କଳା ହୋଇଯାଏ । ପରେ ଏହା ହାତରୁ ଶୀଘ୍ର ଲିଭେ ନାହିଁ । ସେଥିପାଇଁ ଅତିକମରେ ୭୨ ଘଣ୍ଟା ପର୍ଯ୍ୟନ୍ତ ଏହି କାଳି ତ୍ୱଚାରୁ ଛାଡ ? ନାହିଁ । ଯେତେବେଳେ ଧିରେ ଧିରେ ତ୍ୱଚାର କୋଷ ପୁରୁଣା ହୋଇଯାଏ ସେହି ସମୟରେ ଏହି କାଳି ଛାଡିଥାଏ । ଏହି କାଳି ଆଙ୍ଗୁଠି ରୁ ଛାଡ଼ିବାପାଇଁ ଅନ୍ତତଃ ଦୁଇ ରୁ ଚାରି ସାପ୍ତାହ ଲାଗିଥାଏ। ଏହି କାଳିକୁ ଲୋକମାନେ ଇଲକସନ ଇଙ୍କ ବା ଇଣ୍ଡଲିବଲ ଇଙ୍କ ନାମରେ ଜାଣିଛନ୍ତି । ଦେଶରେ ପ୍ରଥମେ ସାଧାରଣ ନିର୍ବାଚନରେ କାଳି ବ୍ୟବହାର ହେଉନଥିଲା । ନିର୍ବାଚନ ଅୟୋଗ ପୁନଃ ମତଦାନକୁ ରୋକିବା ପାଇଁ ଏଭଳି ଏକ କାଳିର ବ୍ୟବହାର କରିବା ପାଇଁ ନିଷ୍ପତି ନେଇଥିଲା । ପରେ ୧୯୬୨ମସିହା ଠାରୁ ଏହାର ବ୍ୟବହାର କରାଯାଉଛି । ସୂଚନା ମୁତାବକ କାଳି ତିଆରି କରୁଥିବା ଏହି କମ୍ପାନୀ ଭାରତ ବ୍ୟତିତ ତୁର୍କୀ, ସାଉଥ୍ ଆଫ୍ରିକା, ନାଇଜେରିଆ, କାନାଡା ଏବଂ ମାଲେସିଆ ଭଳି ୨୮ଟି ଦେଶକୁ ରପ୍ତାନି କରି ନିର୍ବାଚନୀ କାଳି ଯୋଗାଇଥାଏ । ଏହି ଅଲିଭା କାଳି ଗଣତାନ୍ତ୍ରିକ ରାଷ୍ଟ୍ର ଭାରତର ପ୍ରତ୍ୟେକ ନିର୍ବାଚନରେ ବ୍ୟବହାର କରାଯାଇଥାଏ। ତ୍ରିସ୍ତରୀୟ ପାୟତିରାଜ ନିର୍ବାଚନ, ସହରାଞ୍ଚଳ ସାୟତ ଶାସନ ନିର୍ବାଚନ, ରାଜ୍ୟ ବିଧାନସଭା ବିଧାୟକ ପଦବୀ ନିମନ୍ତେ ନିର୍ବାଚନ, ଏବଂ ସାଧାରଣ ନିର୍ବାଚନ କ୍ଷେତ୍ରରେ ବହୁଳ ଭାବରେ ଏହାକୁ ବ୍ୟବହାର କରାଯାଇଥାଏ। ଭାରତ ବ୍ୟତିତ ୬୧ ଟି ଦେଶରେ ମଧ୍ୟ ଏହି ଅଲିଭା କାଳିକୁ ବ୍ୟବହାର କରାଯାଉଛି ଯେଉଁ ରାଷ୍ଟ୍ର ମାନଙ୍କରେ ପରୋକ୍ଷ ନିର୍ବାଚନ ପ୍ରକ୍ରିୟା ଜାରି ରଖିଛନ୍ତି। ଉକ୍ତ କାଳିକୁ ୪ଟି ମାଧ୍ୟମରେ ବ୍ୟବହାର କରାଯାଇଥାଏ ଯେପରିକି ଆଙ୍ଗୁଠିକୁ କାଳିରେ ବୁଡାଇବା, ତୁଳୀ ମାଧ୍ୟମରେ, ଛିଟିକାଇବା ମାଧ୍ୟମରେ ଏବଂ ଚିହ୍ନକାରୀ କଲମ ମାଧ୍ୟମରେ ପ୍ରୟୋଗ କରାଯାଇଥାଏ। ଆଫଗାନିସ୍ତାନ, ଇଣ୍ଡୋନେସିଆ, ଇରାକ, ଯାମକିଆ, ସେଣ୍ଟ ଲୁସିଆ ଏବଂ ଜାମ୍ବିଆ ଭଳି ୩୬ଟି ରାଷ୍ଟ୍ର ମତଦାନ ସମୟରେ ମତଦାତା ସେମାନଙ୍କର ଆଙ୍ଗୁଠିକୁ ସିଧାସଳଖ କାଳି ବୋତଲରେ ବ୍ୟବହାର କରିଥାନ୍ତି। ଭାରତ, ଆଲବାନିଆ, ଜର୍ଜିଆ, ମାଲେସିଆ ଏବଂ ଫିଲିପାଇନ୍ସ ଭଳି ୧୮ଟି ଦେଶ ତୁଳୀ ମାଧ୍ୟମରେ କାଳିକୁ ଆଙ୍ଗୁଠିରେ ନିର୍ବାଚନ ଅଧିକାରୀମାନେ ଲଗାଇଥାନ୍ତି। କାର୍ଜିସ୍ଥାନ, ସେର୍ବିୟା ଏବଂ ରିପବ୍ଲିକ ଅଫ୍ ନର୍ଥ ମାକଡୋନିଆ ୩ଟି ଦେଶରେ ଛିଟକେଇବା ମାଧ୍ୟମରେ ମତଦାନ ସମୟରେ ମତଦାତାଙ୍କ ନିମନ୍ତେ ବ୍ୟବହାର କରାଯାଇଥାଏ। ବାଙ୍ଗଲାଦେଶ , ଭୁଟାନ, ସାଉଥ୍ ଆଫ୍ରିକା ଓ ତୁର୍କୀ ଏହି ୪ଟି ରାଷ୍ଟ୍ରରେ ଚିହ୍ନ କାରୀ କଲମ ମାଧ୍ୟମରେ ଭୋଟ ଦେଲାପରେ ମତଦାତା ମାନଙ୍କୁ ଚିହ୍ନଟ କରାଯାଇଥାଏ। ଏହି ଅଲିଭା କାଳି ବ୍ୟବହାର କରିବା ଯୋଗୁ ମତଦାନ ପ୍ରକ୍ରିୟା ସହଜ ଓ ସରଳ ହୋଇପାରିଛି ଏବଂ ଅପ୍ରିତୀକର କାରସାଦିରୁ ମୁକ୍ତି ମିଳିଛି।

*ଅଧ୍ୟାପକ ରାଜନୀତି ବିଜ୍ଞାନ ବିଭାଗ*
*ସିଦ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ*
*ନନ୍ଦପୁର, ଜିଲ୍ଲା: କୋରାପୁଟ*
*ଯୋଗାଯୋଗ ୯୪୩୭୯୫୫୫୬୮*

# ଦ୍ୱାପର ଯୁଗର ସାକ୍ଷର ବହନ କରୁଥିବା ପଞ୍ଚୁ ପାଣ୍ଡବ ବାରୁଣୀ ଯାତ୍ରା

**ବଟକୃଷ୍ଣ ସାମଲ**

ଦ୍ୱାପର ଯୁଗର କଥା ଅଜ୍ଞାତବାସରେ ଥାଆନ୍ତି ପାଣ୍ଡବ ପାଞ୍ଚଭାଇ, ବର୍ଷ ବର୍ଷ ଧରି ନିଘଞ୍ଚ ବଣ ଜଙ୍ଗଲ ଓ ପଥପ୍ରାନ୍ତ ଜନପଦ ଘୁରି ଘୁରି ଲୁକ୍କାୟିତ ଭାବେ ବୁଲୁଥାନ୍ତି ମାତା କୁନ୍ତୀ ଓ ଧର୍ମପତ୍ନୀ ଦୌପଦୀଙ୍କୁ ସଙ୍ଗରେ ଧରି। ପ୍ରଥମେ ଆମେ ବନବାସ ଏବଂ ଅଜ୍ଞାତବାସ ତାରତ୍ୱମ ବିଷୟରେ ପାର୍ଥକ୍ୟ ବୁଝିନେବା ଆବଶ୍ୟକ ଅଟେ। ତ୍ରେତୟା ଯୁଗରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ଚଉଦବର୍ଷ ବନବାସରେ ବିତାଇବାକୁ ପଡ଼ିଥିଲା। ବନବାସ ଏବଂ ଅଜ୍ଞାତବାସର ସମ୍ପୂର୍ଣ୍ଣ ଭିନ୍ନ, ଅର୍ଥ ହେଲା ଯେ ଅନ୍ୟମାନେ ସେମାନଙ୍କୁ ଦେଖି ଚିହ୍ନିପାରିଲେ ବି ବନବାସ ସମୟ ସେହି ଚଉଦ ବର୍ଷରେ ହିଁ ସୀମିତ ରହିବ। କିନ୍ତୁ ଅଜ୍ଞାତବାସର ଅର୍ଥ ହେଉଛି ଯଦି ପାଣ୍ଡବମାନେ ଅଜ୍ଞାତବାସରେ କାଟୁଥିବା ସମୟରେ ବାର ବର୍ଷ ଶେଷ ହେବା ପୂର୍ବରୁ ଯଦି କୌଣସି ପ୍ରକାରେ ସେମାନଙ୍କ ପରିଚୟ ମିଳିଯାଏ ଯେ ଏମାନେ ହେଉଛନ୍ତି ପାଣ୍ଡବ ପାଞ୍ଚଭାଇ ତାହାହେଲେ ସେହି ଦିନ ଠାରୁ ପୁନରାୟ ଚଉଦବର୍ଷ ଅଜ୍ଞାତବାସ ଭୋଗ କରିବା ପାଇଁ ପଡ଼ିବ ବୋଲି ସର୍ତ୍ତ ରହିଥିଲା। ଅଜ୍ଞାତବାସ ସମୟରେ ପାଣ୍ଡବମାନେ ସାରା ଭାରତ ବର୍ଷ ଲୁକ୍କାୟିତ ଭାବେ ପାହାଡ଼ ପର୍ବତ ଘଞ୍ଚ ବଣ ଜଙ୍ଗଲ ଘୁରି ଘୁରି ବୁଲୁଥିବା ସମୟରେ ଉତ୍କଳ ଭୂଖଣ୍ଡରେ ବିଭିନ୍ନ ସ୍ଥାନ ମାନଙ୍କରେ ମଧ୍ୟ ଡେରା ପକାଇ ଅବସ୍ଥାନ କରୁଥାନ୍ତି। ପାଣ୍ଡବମାନେ ଡ଼େରା ପକାଇ ରହିଥାନ୍ତି ତତ୍କାଳୀନ ଏକ ଘନ ଘୋର ଜଙ୍ଗଲ ମଧ୍ୟରେ।

ଚୈତ୍ରମାସ କୃଷ୍ଣ ପକ୍ଷ ଅମାବାସ୍ୟା ତିଥି ସେ ଦିନ ମହାବାରୁଣି ଯୋଗ ପଡ଼ିଥାଏ। ଦିନେ ମାତା କୁନ୍ତୀ ଜ୍ୟେଷ୍ଠ ପୁତ୍ର ଧର୍ମରାଜ ଯୁଧିଷ୍ଠିରଙ୍କ ସହିତ ଅନ୍ୟ ଚାରି ଭାଇଙ୍କୁ ଡକାଇ କହିଲେ ଯେ ପୁତ୍ର ଆଉ ତିନି ଦିନ ପରେ ମହାବାରୁଣି ପଡ଼ିବ। ତୁମେମାନେ ଭଲ ଭାବେ ଜାଣିଛ ଯେ ମୁଁ ପ୍ରତ୍ୟେକ ଥର ମହାବାରୁଣି ଯୋଗରେ ଗଙ୍ଗା ସ୍ନାନ କରିଥାଏ। ଆମେ ତ ଏତେ ଦୂରରେ ରହିଛେ ଯେ ମୋତେ ଗଙ୍ଗା ସ୍ନାନ କରିବାରୁ ବଞ୍ଚିତ ହେବାକୁ ପଡ଼ିବ। ଯାହା ମୋ ପାଇଁ ଅତ୍ୟନ୍ତ କଷ୍ଟଦାୟକ। ମାତା କୁନ୍ତୀଙ୍କ କଥା ଶୁଣି ପାଣ୍ଡବ ପାଞ୍ଚଭାଇଙ୍କ ମଧ୍ୟରେ ଦୁଃଖର ଛାୟା ମୁଖମଣ୍ଡଳରେ ସ୍ପଷ୍ଟ ବାରି ହୋଇପଡୁଥାଏ। ସମସ୍ତେ ଚିନ୍ତା ମଗ୍ନ ଅବସ୍ଥାରେ ବସି ରହିଥାନ୍ତି। କିଛି ସମୟ ଧ୍ୟାନମଗ୍ନ ଅବସ୍ଥାରେ ରହିବା ପରେ ହଠାତ୍ ଦିବ୍ୟଦ୍ରଷ୍ଟା ଓ ସର୍ବଜ୍ଞାତା ସହଦେବ ନୀରବତା ଭଙ୍ଗ କରି ଜ୍ୟେଷ୍ଠ ଭ୍ରାତା ଧର୍ମରାଜ ଯୁଧିଷ୍ଠିରଙ୍କୁ କହିଲେ ଯେ ଭ୍ରାତା ଏଥିରେ ଦୁଃଖିତ ଓ ମ୍ରିୟମାଣ ହେବାର କୌଣସି କାରଣ ନାହିଁ। ଆମେ ଡେରା ପକାଇଥିବା ଅଳ୍ପ ଦୂରରେ ବହୁଥିବା ଯେଉଁ ସୁବଳୟା ନଦୀ ପ୍ରବାହିତ ହେଉ ଅଛି ସେ ନଦୀର ନିମ୍ନ ଭାଗରେ ଗଙ୍ଗାଙ୍କ ଧାରା ପ୍ରବାହିତ ହେଉଛି। ମୁଁ ସେ ସ୍ଥାନ ନିରୂପଣ କରିଦେବି ଧର୍ନୁଜୟ (ଅର୍ଜୁନ) ଯଦି ତାର ମନବିଧି ବାଣରେ ଯେବେ ଭୂତଳକୁ ବିଦିନ୍ନ କରିଦେବେ ତେବେ ସେହିଠାରେ ହିଁ ମାତା ଗଙ୍ଗାଙ୍କ ଧାରା ପ୍ରକଟିତ ହେବ ଓ ମାତା କୁନ୍ତୀ ସେଠାରେ ଗଙ୍ଗାସ୍ନାନ କରିପାରିବେ। ସେହି ଅମୂଲ୍ୟ ସ୍ଥାନ ନିରୂପଣ କରିବାକୁ ନିଜେ ଯୁଧିଷ୍ଠିର ସହଦେବ ଓ ଅନ୍ୟ ତିନିଭାଇଙ୍କ ସହିତ ସୁବଳୟା ନଦୀରେ କୂଳରେ ପହଞ୍ଚିଲେ। ନିଜେ ସହଦେବ ଉକ୍ତ ସ୍ଥାନଟିକୁ ନିରୂପଣ କଲାପରେ ମହାଧନୁର୍ଦ୍ଧର ଅର୍ଜୁନ ଶବ୍ଦଭେଦୀ ବାଣ ମାରି ଉକ୍ତ ଭୂମିକୁ ବିର୍ଦ୍ଧନ କରିବାରୁ ଆଶ୍ଚର୍ଯ୍ୟ ଚକିତ କରି ପାତାଳରୁ ଗଙ୍ଗାଙ୍କ ଜଳଧାରା ଉଚ୍ଛୁରିତ ହୋଇ ବାହାରିବାକୁ ଲାଗିଲା। ଆନନ୍ଦ ବିଭୋରିତ ହୋଇ ପଞ୍ଚୁପାଣ୍ଡବମାନେ ସଙ୍ଗେ ସଙ୍ଗେ ମାତା କୁନ୍ତୀ ଓ ଦ୍ରୌପଦୀଙ୍କୁ ମଧ ଡକାଇ ଆଣି ସେହି ସ୍ଥାନରେ ଗଙ୍ଗାଦେବୀଙ୍କ ପୂଜାର୍ଚ୍ଚନା କାର୍ଯ୍ୟ ସମ୍ପାଦନ କରି ମହାନନ୍ଦରେ ପ୍ରତ୍ୟାଗମନ କଲେ। ଯେଉଁଦିନ ମହାବାରୁଣି ସ୍ନାନ ଯୋଗ ସେ ଦିନ ସମସ୍ତ ପାଞ୍ଚ ଭାଇ ମାତା କୁନ୍ତୀ ଓ ଦ୍ରୌପଦୀ ଦେବୀ ମଧ୍ୟ ସେଠାରେ ବାରୁଣୀ ସ୍ନାନ କରି ପ୍ରଫୁଲ୍ଲିତ ମନୋଭାବରେ ନିଜ ନିଜର ଡେରାକୁ ଫେରି ଅବସ୍ଥାନ କଲେ। ସେହି ଦ୍ୱାପର ଯୁଗରୁ ସେଠାରେ ପ୍ରତ୍ୟେକ ବର୍ଷ ଚୈତ୍ରମାସ କୃଷ୍ଣପକ୍ଷ ଅମାବାସ୍ୟା ତିଥିରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁମାନେ ବାରୁଣୀ ସ୍ନାନ ବା ବୁଡ଼ ପକାଇଥାନ୍ତି।

ଏହା ପଞ୍ଚୁପାଣ୍ଡବ ବାରୁଣୀ ବୁଡ଼ ବା ବାରୁଣୀ ତୀର୍ଥ ଯାତ୍ରା ନାମରେ ଖ୍ୟାତି ଅର୍ଜନ କରିଆସୁଅଛି। ଏଠାରେ ପାଠକ ମାନଙ୍କୁ ଅବଗତି କରାଇବା ଉଚିତ ହେବ ଯେ ପଞ୍ଚୁପାଣ୍ଡବ ଗ୍ରାମରେ କୌଣସି ଗ୍ରାମ ମଧ ନାହିଁ। ପାଣ୍ଡବମାନେ ଏହି ସ୍ଥାନରେ କିଛି ଦିନ ଡେରା ପକାଇ ରହି ସେ ସ୍ଥାନରୁ ଚାଲିଯିବା ସମୟରେ ଡେରା ପକାଇଥିବାରୁ ଉକ୍ତ ସ୍ଥାନ ଟିକୁ ଡେରାଡିହ ନାମରେ ନାମିତ କରିଦେଇ ଯାଇଥିଲେ। କାଳକ୍ରମେ ଉକ୍ତ ଗ୍ରାମଟି ଡେରାଡିହ ରାଜସ୍ୱ ଗ୍ରାମ ନାମରେ ନାମିତ ହୋଇଅଛି। ଚଣ୍ଡୀଖୋଲରୁ ପାରାଦ୍ୱୀପ ୨୨ କିଲୋମିଟର ଗଲାପରେ ପଞ୍ଚୁପାଣ୍ଡବ ଛକ ପଡ଼େ। ଉକ୍ତ ଛକଟି ହେଉଛି ଡେରାଡିହ ଗ୍ରାମ। ସେଠାରେ ଯୁଧିଷ୍ଠିର, ଭୀମ, ଅର୍ଜୁନ, ନକୁଳ, ସହଦେବଙ୍କ ସହିତ ମାତା କୁନ୍ତୀ ଓ ଦ୍ରୌପଦୀଙ୍କ ମନ୍ଦିର ରହିଅଛି। ସେହି ତୀର୍ଥକ୍ଷେତ୍ର ଯେଉଁଠି କି ମାତା କୁନ୍ତୀ ବାରୁଣୀ ସ୍ନାନ କରିଥିଲେ। ସେହି ଦ୍ୱାପର ଯୁଗରୁ ପ୍ରତ୍ୟେକ ବର୍ଷ ବାରୁଣୀ ସ୍ନାନ ଯାତ୍ରା ହୋଇ ଆସୁଅଛି। ସେଠାରେ ଶ୍ରଦ୍ଧାଳୁ ଭକ୍ତମାନେ ପବିତ୍ର ବାରୁଣୀ ବୁଡ଼ ପକାଇବା ସଙ୍ଗେ ସଙ୍ଗେ ବିବାହ ସମୟରେ ବରକନ୍ୟାଙ୍କ ମଥାରେ ବନ୍ଧା ଯାଇଥିବା ଦୋଳମୁକୁଟ ଓ ଗଇଁଠାଳ ଇତ୍ୟାଦି ଉକ୍ତ ତୀର୍ଥଜଳରେ ବିସର୍ଜନ କରିଥାନ୍ତି। ବହୁ ସଂଖ୍ୟାରେ ଦୋକାନ ବଜାର ଖୋଲିବା ସହିତ ସାଜସଜ୍ଜାରେ ଆଖି ଝଲସି ଯାଏ। ଆଗେ ଆମ ପିଲାବେଳେ ବାରୁଣୀ ଯାତ୍ରା ଦଶ ଦିନ ପର୍ଯ୍ୟନ୍ତ ଚାଲିଥିଲା ବର୍ତ୍ତମାନ ପାଞ୍ଚ ଦିନ ପର୍ଯ୍ୟନ୍ତ ଉକ୍ତ ଯାତ୍ରା ମହା ଆଡ଼ମ୍ବର ସହକାରେ ଅନୁଷ୍ଠିତ ହେଉଅଛି। ପ୍ରତ୍ୟେକ ଦିନ ଆଖପାଖ ପାଞ୍ଚଦଶ ଗୋଟି ଗ୍ରାମ ପଞ୍ଚାୟତର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମେତ ଓଡ଼ିଶାର ବିଭିନ୍ନ ସ୍ଥାନରୁ ତୀର୍ଥଯାତ୍ରୀ ଓ ଶ୍ରଦ୍ଧାଳୁମାନେ ଏହି ଯାତ୍ରାରେ ସାମିଲ ହୋଇଥାନ୍ତି।

***ଅରଖଣ୍ଡା, ଓଳକଣା, କେନ୍ଦ୍ରାପଡ଼ା,***
***ଦୂରଭାଷ : ୯୯୩୭୧୫୩୬୬୯***




# କୃଷି ବିଲ୍‌କୁ ବିରୋଧ କରି ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ ଓ ସମାବେଶ



ଖୋର୍ଦ୍ଧା (ପିଏନ)-କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାର ଆଣିଥିବା କୃଷି ବିଲ ହେଉଛି କୃଷି ମାରଣ ବିଲ୍। ଏହି ବିଲ୍ ପାସ୍ ହେବା ଦ୍ୱାରା ବଡ ବଡ କମ୍ପାନୀ ଓ ପୁଞ୍ଜିପତିଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଇଛି। ଏହି କୃଷି ମାରଣ ବିଲ୍‌କୁ ସାରା ଭାରତବର୍ଷରେ ଚାଷୀ, ସାଧାରଣ ଲୋକ ବିରୋଧ କରୁଥିବା ବେଳେ ଓଡିଶାରେ ମଧ୍ୟ ବିରୋଧ କରାଯାଇଛି। ଏହି ଅବସରରେ କିଛି ଦିନ ତଳେ ପ୍ରଦେଶ କଂଗ୍ରେସ ପକ୍ଷରୁ ବାଲେଶ୍ୱର ଠାରେ ଏକ ରାଜ୍ୟସ୍ତରୀୟ କୃଷି ସମାବେଶ ଅନୁଷ୍ଠିତ ହୋଇଥିଲା। ସେହିପରି ଆଜି ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ପକ୍ଷରୁ ଖୋର୍ଦ୍ଧାରେ ଚାଷୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଭାପତି ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ ଶହ ଶହ କଂଗ୍ରେସ କର୍ମୀ ଏବଂ ଚାଷୀ ସେମାନଙ୍କ ଟ୍ରାକ୍ଟର ଓ ହଳଲଙ୍ଗଳ ଧରି ଅଭିନବ ଉପାୟରେ ଏକ ଶୋଭାଯାତ୍ରାରେ ଯାଇ ଜିଲ୍ଲାପାଳଙ୍କ ଅଫିସ ଘେରାଉ କରିଥିଲେ। କୃଷି ବିଲ୍ ଆଇନ୍‌ର ପ୍ରତ୍ୟାହାର ଦାବିରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ତହସିଲଦାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହି କୃଷି ବିଲ୍ ପାରିତ ହେବା ଦ୍ୱାରା କୃଷକମାନେ କେତେ ଯେ ହଇରାଣ ହରକତ ହେବେ ବୋଲି ବିଧାୟକ ସୁରେଶ କୁମାର ରାଉତରାୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ତ୍ରିବ୍ର ସମାଲୋଚନା କରିଥିଲେ। ଓଡିଶାରେ କଂଗ୍ରେସ ସରକାର ସମୟରେ ଚାଷୀମାନଙ୍କର ଅଭୂତପୂର୍ବ ଉନ୍ନତି ହୋଇଥିଲା। କୃଷି ଶିଳ୍ପ ସାଂଗକୁ ଜଳସେଚନ ବ୍ୟବସ୍ଥାକୁ ମଜବୁତ କରାଯାଇଥିଲା। ଦିର୍ଘ ୨୧ ବର୍ଷ ଧରି ଏଠାରେ ଶାସନ କରୁଥିବା ନବୀନ ସରକାର ଚାଷୀ ତଥା କୃଷି କ୍ଷେତ୍ରକୁ ଅବହେଳା କରିଛନ୍ତି। ଏହି ଚାଷୀବିଲ୍ ପାରିତ ହେବା ପରେ ଚାଷୀମାନେ ତାଙ୍କ ଖାଦ୍ୟଶସ୍ୟର ଉପଯୁକ୍ତ ମୂଲ୍ୟ ନପାଇବାରୁ ବହୁତ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ସାଧାରଣ ଜନତା ବି ଏଥିରୁ ତ୍ରାହି ପାଇନାହାନ୍ତି। ବର୍ତମାନ ଅତ୍ୟାବଶ୍ୟକୀୟ ସାମଗ୍ରୀ, ଫଳ, ପନିପରିବା ଦର ହୁ ହୁ ହୋଇ ବଢ଼ିଚାଲିଛି। ରାଜ୍ୟରେ କରୋନା ମହାମାରୀ ବର୍ତମାନ ସଂକଟ ପରିସ୍ଥିତି ଦେଇ ଗତି କରୁଥିବା ବେଳେ ସାଧାରଣ ଲୋକଟିଏ ଜୀବନ ବଂଚାଇବା ପାଇଁ ସଂଘର୍ଷ କରୁଛି। ଏହି ସମୟରେ ଅତ୍ୟାବଶ୍ୟକୀୟ ସାମଗ୍ରୀ ବଢ଼ିବା ତାଙ୍କ ଉପରେ ବୋଝ ଉପରେ ଲଳିତାବିଡା ସଦୃଶ ହୋଇଛି। ତେଣୁ ଏହି କଳା କୃଷି ବିଲ୍ ଆଇନ୍‌କୁ ସମସ୍ତ ଜନସାଧାରଣ ବିରୋଧ କରିବା ଉଚିତ୍ ବୋଲି ଶ୍ରୀ ରାଉତରାୟ ତାଙ୍କ ଉଦ୍‌ବୋଧନରେ କହିଥିଲେ। ଆଜିର ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ଶୁଭେନ୍ଦୁ ମହାନ୍ତି, ପ୍ରଦୀପ ସ୍ୱାଇଁ, ପ୍ରଦୀପ ସାହୁ, ଶିଶିର ପରିଡା, ସଂଗ୍ରାମ ରାଉତରାୟ, ସୁନିଲ୍ ରାଉତରାୟ, ସୁଧାଂଶୁ ମୋହନ ପଟ୍ଟନାୟକ, ତ୍ରିଲୋଚନ ପ୍ରଧାନ, ତପନକାନ୍ତ ଚକ୍ରବର୍ତୀ, ଅମିତ୍ ମହାନ୍ତି, କଳିଙ୍ଗ ସାହୁ, ନୌସର ଅଲ୍ଲୀ, ବୃନ୍ଦାବନ ସାହୁ, ଅନନ୍ତ ବେହେରା, ବାବୁଲି ରାଉତରାୟ, ଦିବାକର ବେହେରା, ପଦୁ ରାୟ, ସଂଜୟ ପଟ୍ଟନାୟକ, ଜୟକୃଷ୍ଣ ମଲିଆ, ସ୍ୱାଗତ କର, ବଟକୃଷ୍ଣ ରାଉତରାୟ, ଜୟନ୍ତ ଭୋଇ, ପ୍ରସାଦ ବଳିୟାରସିଂ, କାଳନ୍ଦି ଚରଣ ନାୟକ, ସୁବାସ ପାତ୍ର ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।



କୋରାପୁଟ ଜିଲ୍ଲା ସଦରମହାକୁମା ଠାରେ ଜିଲ୍ଲାପାଳ ଶ୍ରୀଯୁକ୍ତ ୱି.କୀର୍ତ୍ତି ୱାସନ ଭୋଟର ସଚେତନତା ରଥର ଶୁଭାରମ୍ଭ କରିଥିଲେ କ୍ଷ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ଦୁତିପଡା ଏଏନଏମଙ୍କ ବିରୁଦ୍ଧରେ ଦାବିପତ୍ର ପ୍ରଦାନ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲା ଖଜୁରିପଡା ବ୍ଲକ ଅନ୍ତର୍ଗତ ଦୂତିପଡ଼ା ଗ୍ରାମ ପଂଚାୟତରେ ଥିବା ଉପ ସ୍ୱାସ୍ଥ୍ୟକେନ୍ଦ୍ରର ଏଏନଏମଙ୍କ ମନମୁଖୀ କାର୍ଯ୍ୟକୁ ନେଇ ଅଂଚଳବାସୀ ଏକ ଅଭିଯୋଗ ପତ୍ର ଜିଲା ପ୍ରଶାସନକୁ ପ୍ରଦାନ କରିଛନ୍ତି । ସେମାନେ ଦେଇଥିବା ଅଭିଯୋଗ ଅନୁସାରେ, ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଦୁତିପଡା ଏବଂ ଆଖପାଖର ଶତାଧିକ ଲୋକ ନିର୍ଭର କରୁଛନ୍ତି । ହେଲେ ସେହି କେନ୍ଦ୍ରର ଦାୟୀତ୍ୱରେ ଥିବା ଏ.ଏନ.ଏମ ନିୟମିତ ନ ଆସିବାରୁ ମାସର ଅଧିକାଂଶ ସମୟ ଉକ୍ତ ଉପସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ଝୁଲୁଛି । ଉକ୍ତ ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ଏଏନଏମ୍ ପ୍ରଭାସିନି ନାୟକଙ୍କ ମନମୁଖୀ କାର୍ଯ୍ୟରେ ଅଂଚଳବାସୀ ଅତିଷ୍ଠ ହୋଇ ଜିଲାପାଳ ଓ ଜିଲା ଅତିରିକ୍ତ ଚିକିତ୍ସା ଅଧିକାରୀଙ୍କୁ ଏକ ଲିଖିତ ଅଭିଯୋଗ ଦେଇଛନ୍ତି । ଅଭିଯୋଗ ପ୍ରକାରେ, ଏଏନଏମ୍ ଜଣକ ନିୟମିତ ଭାବେ କାର୍ଯ୍ୟକୁ ଆସୁନଥିବାରୁ ସେହି ଉପସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରୁଥିବା ଲୋକେ ସଠିକ୍ ସମୟରେ ସ୍ୱାସ୍ଥ୍ୟ ସେବା ନ ପାଇ ସମସ୍ୟାରେ ପଡୁଛନ୍ତି । ଫଳରେ ସେମାନଙ୍କୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟ କିମ୍ବା ଖଜୁରିପଡ଼ା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାକୁ ପଡୁଛି । ନିଜ ଗାଁରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ଥିଲେ ମଧ୍ୟ ସେମାନେ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି । ବିଭିନ୍ନ ସମୟରେ ଗର୍ଭବତୀ, ନବଜାତ ଶିଶୁ ଓ ପ୍ରସୂତିମାନେ ଅନେକ ସମୟରେ ସେବା ପାଇବାରୁ ବଂଚିତ ହେଉଛନ୍ତି । ଏନେଇ ଏଏନଏମଙ୍କ କହିଲେ ମିଥ୍ୟା କେସ୍ ଦେଇ ଲୋକଙ୍କୁ ହଇରାଣ କରୁଥିବା ମଧ୍ୟ ଅଭିଯୋଗ ପତ୍ରରେ ଦର୍ଶାଯାଇଛି । ଏ ଦିଗରେ ଜିଲା ପ୍ରଶାସନ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ଅ ଳବାସୀ ଦାବିକରିଛନ୍ତି ।

# ବେସାରିକ ଯୋଗାଣ ବିଭାଗ ଦ୍ୱାରା ପରିଚାଳିତ ଏଚ୍‌ପିସିଏଲ ଗ୍ୟାସ୍ ଗୋଦାମ ପାଇଁ ଜମି ଯୋଗାଇ ଦେବାକୁ ଦାବୀ

କେନ୍ଦୁଝର(ପିଏନ): ଏଚ୍‌ପିସିଏଲ କମ୍ପାନୀ ପକ୍ଷରୁ ଆଡହକରେ ବେସାରିକ ଯୋଗାଣ ବିଭାଗକୁ ଡିଲରସିପ ଦିଆଯାଇଛି। ଗ୍ୟାସ ସିଲିଣ୍ଡର ଷ୍ଟୋରେଜ ପାଇଁ ଆବଶ୍ୟକୀୟ ଷ୍ଟୋରେଜ ପାଇଁ ଆବଶ୍ୟକ ୧ ଏକର ଜମି ମିଳୁନଥିବାରୁ ଡିଲରସିପ ବନ୍ଦ ହେବାକୁ ଯାଉଛି। ନିଜସ୍ୱ ଗୋଦାମ ଘର ନଥିବାରୁ ବିଭିନ୍ନ ବିଭାଗର ଯଥା ଏକ୍ସପ୍ଲୋସିଭ ଲାଇସେନ୍ସ, ଫାୟରସେଫ୍ଟି ଲାଇସେନ୍ସ ୨୬ ବର୍ଷ ଧରି ମିଳିପାରୁନାହିଁ। ଗ୍ୟାସ ସିଲିଣ୍ଡର ଷ୍ଟୋରେଜ ପାଇଁ ଆବଶ୍ୟକୀୟ ଷ୍ଟୋରେଜ ପାଇଁ ଆବଶ୍ୟକ ୧ ଏକର ଜମି ପାଇଁ ବାରମ୍ବାର ସଦର ତହସିଲକୁ ଆବେଦନ କଲେ ମଧ୍ୟ ଜମି ନଥିବା କହି ତହସିଲ ପକ୍ଷରୁ ଅଗ୍ରାହ୍ୟ କରାଯାଉଛି। କେନ୍ଦୁଝର ସଦର ମହକୁମାରେ ଜନାକୀର୍ଣ୍ଣ ତଥା ଶିକ୍ଷାନୁଷ୍ଠାନକୁ ସଂଲଗ୍ନ ଥାଇ ଏକ ବିପଦସଂକୁଳ ଘରେ ଗ୍ୟାସ୍ ଗୋଦାମ ଚାଲୁଥିବାବେଳେ ଜମି ମିଳୁନଥିବାରୁ ଗୋଦାମ ଘର ହୋଇପାରୁନଥିବା ଜଣାପଡିଛି। ତେବେ ସୁରକ୍ଷା ଦୃଷ୍ଟି କୋଣରୁ ଗ୍ୟାସ ଗୋଦାମ ଜନବସତିଠାରୁ ଦୂରରେ କରିବା ପାଇଁ ନିଷ୍ପ ି ହୋଇଥିଲା। କିନ୍ତୁ ରାଜସ୍ୱ ବିଭାଗ ଆବଶ୍ୟକୀୟ ଜମି ଯୋଗାଇ ଦେଉନଥିବାରୁ ଗ୍ୟାସ ଗୋଦାମ ଅନ୍ୟତ୍ର ସ୍ଥାନାନ୍ତର ହୋଇ ପାରୁନାହିଁ। ଓଡିଶା ସରକାରଙ୍କ ଖାଉଟି କଲ୍ୟାଣ ଓ ବେସାମରିକ ଯୋଗାଣ ବିଭାଗ ଅଧିନରେ ଥିବା ଯୋଗାଣ ନିଗମ ନିଗମ ଲିମିଟେଡ ଦ୍ୱାରା ପରିଚାଳିତ ଏହି ଗ୍ୟାସ ଗୋଦାମ ଆବଶ୍ୟକୀୟ ସୁରକ୍ଷା ଅଭାବରୁ ଏହାକୁ ଏଲପିଜି ବିତରଣ କରୁଥିବା କମ୍ପାନୀ ବନ୍ଦ କରିବାକୁ ସ୍ପଷ୍ଟ ଭାବେ ଜଣାଇଛି। ଏଚ୍‌ପିସିଏଲର ଡିଜିଏମ ଧର୍ମେନ୍ଦ୍ର ବେହୁରା ଗୋଦାମ ଘର ନଥିବାରୁ ବେସାମରିକ ଯୋଗାଣ ବିଭାଗ ଅଧିନରେ ଥିବା ଆଡହକ ଡିଲରସିପ ୩୦ ନଭେମ୍ବର ୨୦୨୦ରେ ବନ୍ଦ କରିବାକୁ ଜିଲ୍ଲା ପରିଚାଳକ ବେସାମରିକ ଯୋଗାଣ ଅଧିକାରୀଙ୍କୁ ଚିଠି କରି ଜଣାଇବା ପରେ କେନ୍ଦୁଝର ସହରରେ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି। ଏହି ଡିଲରସିପ ଅଧିନରେ ୧୭,୪୦୦ ଉପଭୋକ୍ତା ଅଛନ୍ତି। ସୂଚନାଯୋଗ୍ୟ ଯେ, କେନ୍ଦୁଝର ସହରରେ ଏଚ୍‌ପିସିଏଲ କମ୍ପାନୀ ତରଫରୁ ଗ୍ୟାସ ଯୋଗାଇବା ପାଇଁ ପୂର୍ବରୁ ମେସର୍ସ କେନ୍ଦୁଝର ଗ୍ୟାସ ଏଜେନ୍ସିକୁ ଲାଇସେନ୍ସ ପ୍ରଦାନ କରାଯାଇଥିଲା। ତେବେ ଅନିୟମିତତା ଅଭିଯୋଗରେ ୧୯୯୬ ମସିହାରେ ଏହାର ଲାଇସେନ୍ସ ସସପେଣ୍ଡ ହୋଇଥିଲା। ଏହାପରେ ଏ ସଂପର୍କିତ ଏକ ମାମଲା କୋର୍ଟରେ ବିଚାରଧିନ ଥିବାବେଳେ ଏଚ୍‌ପିସିଏଲ କମ୍ପାନୀ ପକ୍ଷରୁ ଆଡହକରେ ବେସାମରିକ ଯୋଗାଣ ବିଭାଗକୁ ଡିଲରସିପ ଦିଆଯାଇଛି। ସେବେଠାରୁ ବେସାମରିକ ଯୋଗାଣ ବିଭାଗ ସୁଚାରୁରୁପେ ଏଲପିଜି ସିଲିଣ୍ଡର ଲୋକମାନଙ୍କୁ ଘରକୁ ଘର ଗାଡି ଦ୍ୱାରା ସୁଚାରୁରୂପେ ଗ୍ୟାସ ସିଲିଣ୍ଡର ଯୋଗାଣ କରିଆସୁଛି। ଏହି ସଂସ୍ଥା ୨୬ ବର୍ଷ ଧରି ସୁରୁଖୁରୁରେ ଚାଲି ଆସୁଥିବାବେଳେ ବନ୍ଦ ହେଲେ ଗ୍ୟାସ ବିତରଣରେ ବିଭ୍ରାଟ ହେବ ଏବଂ ଉପଭୋକ୍ତାମାନେ ହଇରାଣ ହେବ ବୋଲି ବହୁ ଜନସାଧାରଣ ପ୍ରକାଶ କରିଛନ୍ତି। ଏ ନେଇ ଶୁକ୍ରବାର ଦିନ ବରଦା ପ୍ରସନ୍ନ ଦାସ, ରୁଦ୍ର ନାରାୟଣ ମହାନ୍ତ, ସୁଧାଂଶୁ ଶେଖର ସାହୁ, ଅସିତ୍ ପଟ୍ଟନାୟକ, ରମେଶ ଚନ୍ଦ୍ର ନାୟକ, ରବିନ୍ଦ୍ର କୁମାର ସେଠୀ, ବାସୁଦେବ ରାଜ, ମନୋରଞ୍ଜନ ମଙ୍ଗରାଜ, ଶୁଭେନ୍ଦୁ ସାହୁ, କବିଚରଣ ନାୟକ, ଅଜୟ ଅଗ୍ରୱାଲ, ଅନୀଲ ଅଗ୍ରୱାଲ, କା ିକ ସେଠୀ, ସୌରଭ ମହାପାତ୍ର, ଗୌତମ ମହାପାତ୍ର, ଶାନ୍ତନୁ ମହାନ୍ତି, ଶୁକୁମାର ଦେ,ରଜତ କୁମାର ଗିରି, କୌଳାଶ ଚନ୍ଦ୍ର ଜେନା,ଦେବେନ୍ଦ୍ର ନାଥ ମହାନ୍ତି, ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ସଂଜୟ କୁମାର ମହାନ୍ତ, ରାକେଶ କୁମାର ସାହୁ, ରାମଚନ୍ଦ୍ର ସେଠୀ,ସଂଜୟ କୁମାର ପଣ୍ଡା, ସତ୍ୟାନନ୍ଦ ମହାନ୍ତ, ଶରତ ଚନ୍ଦ୍ର ମହାନ୍ତ, ମନୋଜ କୁମାର ମହାନ୍ତ,ଏମଡି ଇରସାଦ, ସୁବାସ ଚନ୍ଦ୍ର ସାହୁ, ଧରଣୀଧର ମହାନ୍ତ, ନାରାୟଣ ନାୟକ, ପ୍ରଶାନ୍ତ କୁମାର ଭଞ୍ଜଦେଓ ପ୍ରମୁଖଏକ ଦାବୀ ପତ୍ର ମାଧ୍ୟମରେ ବେସାରିକ ଯୋଗାଣ ବିଭାଗକୁ ୧ ଏକର ଜମି ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କୁ ଦାବୀ କରିଛନ୍ତି।

# ଅଧିକାର ମାଇକ୍ରୋଫାଇନାନ୍ସ: ମହିଳା ଉଦ୍ୟୋଗୀଙ୍କ ସ୍ୱପ୍ନକୁ ସାକାର କରୁଛି



ସମ୍ବଲପୁର(ପିଏନ) : ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାରେ ମାଇକ୍ରୋଫାଇନାନ୍ସ ଏକ ଗୁରୁତ୍ୱପୂର୍ଣ୍ଣ ସହାୟକ ଭୂମିକା ନିର୍ବାହ କରୁଛି। ଓଡ଼ିଶାର ବଲାଙ୍ଗୀର ଜିଲା ଅନ୍ତର୍ଗତ ଖଇରଟିକ୍ରା ଗ୍ରାମର ଜଣେ ଅଧିବାସୀ ପୁଷ୍ପାଞ୍ଜଳି ମେହେରଙ୍କ ଅଭିବୃଦ୍ଧି କାହାଣୀ ତାଙ୍କ ସମେତ ଅନ୍ୟ ବହୁ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ମହିଳାଙ୍କ ଜୀବନରେ ମାଇକ୍ରୋ-କ୍ରେଡିଟର ଗୁରୁତ୍ୱକୁ ପ୍ରଦର୍ଶିତ କରୁଛି, ଯେଉଁମାନଙ୍କ ପାଇଁ ମୁଖ୍ୟସ୍ରୋତ ବ୍ୟାଙ୍କିଙ୍ଗ୍ ସେବା ପାଇବାକୁ ସୀମିତ ସୁଯୋଗ ରହିଥିଲା। ତାଙ୍କ ସାହସ ଏବଂ ଏକାଗ୍ରତାର କାହାଣୀ ତାଙ୍କୁ ତାଙ୍କ ପରିବାରକୁ ଦାରିଦ୍ର୍ୟ ମଧ୍ୟରୁ ଆର୍ଥିକ ସ୍ଥିରତା ଆଡକୁ ଅଗ୍ରସର କରାଇବାର ଦୀର୍ଘପଥ ଅଗ୍ରସର କରାଇଛି। ପୁଷ୍ପାଞ୍ଜଳିଙ୍କର ଚାରିଜଣିଆ ପରିବାରରେ ତାଙ୍କ ସ୍ୱାମୀ ଏବଂ ଦୁଇଜଣ ବଡ ପିଲା ଅଛନ୍ତି, ଯେଉଁମାନେ ପରିବାରର ଦୈନନ୍ଦିନ ଆବଶ୍ୟକତା ପୂରଣ ପାଇଁ ସଂଗ୍ରାମ କରୁଥିଲେ। ପୁଷ୍ପାଞ୍ଜଳିଙ୍କ ସ୍ୱାମୀ ଏକ କ୍ଷୁଦ୍ର ତନ୍ତ ଦୋକାନରେ ଜଣେ ସହାୟକ ଭାବେ କାମ କରନ୍ତି। ତାଙ୍କ କାର୍ଯ୍ୟରୁ ମିଳୁଥିବା ଅତି ସ୍ୱଳ୍ପ ଆୟ ପରିବାରର ଆବଶ୍ୟକତା ପୂରଣ କରିବାକୁ ପର୍ଯ୍ୟାପ୍ତ ନଥିଲା। ସେମାନଙ୍କ ଅବସ୍ଥା ଏତେ ଖରାପ ଥିଲା ଯେ ସେମାନେ ପରିବାର ପାଇଁ ଦିନକରେ ଗୋଟିଏ ଥର ପେଟପୁରା ଖାଇବା ଯୋଗାଡ କରିବାକୁ ଅସମର୍ଥ ଥିଲେ। ପ୍ରତିଟି ଦିନ ଅତିବାହିତ ହେବାସହିତ ସେମାନଙ୍କ ଅବସ୍ଥା ଅଧିକରୁ ଅଧିକ ଖରାପ ହେବାକୁ ଲାଗିଲା, ଏବଂ ସେମାନଙ୍କୁ ଅଣଆନୁଷ୍ଠାନିକ ଋଣଦାତାଙ୍କ ଉପରେ ନିର୍ଭର କରିବାକୁ ପଡିଲା, ଯାହା ମାତ୍ରାଧିକ ସୁଧହାର ଯୋଗୁଁ ସେମାନଙ୍କ ପାଇଁ ଅଧିକ ବୋଝ ହୋଇପଡିଲା। ଏଭଳି ପରିସ୍ଥିତିରେ ଭାଙ୍ଗିପଡିଥିବା ପୁଷ୍ପାଞ୍ଜଳି ନିଜେ ଆର୍ଥିକ ସ୍ୱାବଲମ୍ବୀ ହୋଇ ପରିବାରର ସ୍ଥିତିରେ ଉନ୍ନତି ଆଣିବାକୁ ସ୍ଥିରକଲେ। ସେ ଅଧିକାର ମାଇକ୍ରୋଫାଇନାନ୍ସର ମାଇକ୍ରୋଫାଇନାନ୍ସ ସୁବିଧା ସମ୍ପର୍କରେ ଅବଗତ ହେଲେ, ଅଧିକାରର ଟିମ୍ ନିକଟରୁ ସେମାନଙ୍କ ସେବା ସମ୍ପର୍କରେ ବିସ୍ତୃତ ଭାବେ ବୁଝିବା ପରେ ସେ ତୁରନ୍ତ ଅଧିକାରର ଜଣେ ସଦସ୍ୟ ହୋଇଗଲେ। ଏକ କ୍ଷୁଦ୍ର ତନ୍ତ ଦୋକାନ ଆରମ୍ଭ କରିବାକୁ ପ୍ରଥମେ ସେ ୧୦,୦୦୦ ଟଙ୍କା ଋଣ ନେଲେ। ନିଜ ସ୍ୱାମୀଙ୍କର ବୁଣାବୁଣି ଅଭିଜ୍ଞତାକୁ ଉପଯୋଗ କରି ସେମାନେ ସୁନ୍ଦର ସୁନ୍ଦର ସମ୍ବଲପୁରୀ ଶାଢ଼ୀ ତିଆରି କରିବା ଆରମ୍ଭକଲେ, ଯାହାକୁ ଗ୍ରାହକମାନେ ଅତ୍ୟନ୍ତ ପସନ୍ଦକଲେ ଏବଂ ସେମାନଙ୍କର ଆୟ ବୃଦ୍ଧିପାଇବାକୁ ଲାଗିଲା। ତାଙ୍କର ନିରବଚ୍ଛିନ୍ନ ପ୍ରୟାସ ବଳରେ ତାଙ୍କ ବ୍ୟବସାୟ ଲୋକପ୍ରିୟତା ହାସଲ କଲା ଏବଂ ତାହା ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିଲା। ସେମାନେ ମାସକୁ ୬୦୦୦ରୁ ୭୦୦୦ ଟଙ୍କା ପର୍ଯ୍ୟନ୍ତ ଆୟ କରିବା ଆରମ୍ଭକଲେ। ତାଙ୍କର ପ୍ରଥମ ଋଣ ଅର୍ଥ ସଫଳତାର ସହିତ ପରିଶୋଧ କରିବାପରେ ସେ ନିଜ ବ୍ୟବସାୟ ସମ୍ପ୍ରସାରଣ କରିବାକୁ ଆଉ ୩୫,୦୦୦ ଟଙ୍କା ଋଣ ନେଲେ। କଠିନ ପରିଶ୍ରମ, ଅଧ୍ୟବସାୟ ଏବଂ ଅଧିକାର ନିକଟରୁ ସାମାନ୍ୟ ସମର୍ଥନ ପାଇ ପୁଷ୍ପାଞ୍ଜଳି ତାଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବାକୁ ସମର୍ଥ ହେଲେ।

# ତାରିଣୀ ମା'ଙ୍କ ବରିଷ୍ଠ ପୂଜକଙ୍କ ଦେହାନ୍ତ

ଗୋଳାବନ୍ଧ(ପିଏନ)-ଘଟଗାଁ ତାରିଣୀ ମନ୍ଦିରର ବରିଷ୍ଠ ପୂଜକ ଦୁର୍ଯ୍ୟୋଧନ ଦେହୁରୀ(୯୮)ଙ୍କ ଆଜି ସକାଳେ ଗୋଳାବନ୍ଧ ସ୍ଥିତ ନିଜ ବାସଭବନରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ବାର୍ଦ୍ଧକ୍ୟ କାରଣରୁ ସେ ଦୀର୍ଘଦିନ ହେବ ଅସୁସ୍ଥ ଥିଲେ। ତାଙ୍କର ମୃତ୍ୟୁ ଶଯ୍ୟା ନିକଟରେ ସମସ୍ତ ପୁଅ, ଝିଅ, ନାତି, ନାତୁଣୀମାନେ ଉପସ୍ଥିତ ଥିଲେ। ଅଂଚଳର ବହୁ ବରିଷ୍ଠ ନେତୃବୃନ୍ଦ ଦର୍ଶନ କରିବା ପରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ମା'ତାରିଣୀଙ୍କ ବରିଷ୍ଠ ପୂଜକଙ୍କ ମୃତ୍ୟୁ ଖବର ଶୁଣିବା ପରେ ଗୋଳାବନ୍ଧ ଠାରୁ ଆରମ୍ଭ କରି ଘଟଗାଁ ଅଂଚଳରେ ଶୋକର ଛାୟା ଖେଳିଯାଇଛି।

# କାଦୁଅ ବିଲରେ ଫସି ହାତୀ ଶାବକର ମୃତ୍ୟୁ



କେନ୍ଦୁଝର(ପିଏନ)-ଭୂୟାଁ ଜୁଆଙ୍ଗ ପୀଢ କୁଶକଳା ବିଟ୍ ଅନ୍ତର୍ଗତ ନଡାପାଣି ଗାଁ ବିଲ କାଦୁଅରେ ଫସି ଗୋଟିଏ ୨ବର୍ଷର ହାତୀ ଶାବକର ମୃତ୍ୟୁ ହୋଇଥିବା ଜଣାପଡିଛି। ୯ଟି ହାତୀ ଥିବା ଗୋଟିଏ ଦଳ ଗୁରୁବାର ଦିନ ପାହାଡତଳ ଗାଁ ନଡାପାଣିରେ ରହିଥିଲେ। ଏହି ଦଳରେ ୨ଟି ଦନ୍ତା, ୪ଟି ମାଈ ଓ ୩ଟି ଛୁଆ ହାତୀ ଥିଲେ। ବନବିଭାଗର ସ୍କ୍ୱାର୍ଡ ମଧ୍ୟ ଏହି ଦଳ ଉପରେ ତୀକ୍ଷଣ ନଜର ରଖିଥିଲା। ତେବେ ଭୋର ସମୟରେ ହାତୀ ଦଳ କାଦୁଅ ବିଲ ଦେଇ ଯାଉଥିବାବେଳେ ୨ବର୍ଷର ଶାବକଟି କାଦୁଅରେ ଫସି ଯାଇଥିଲା। ଅନ୍ୟ ହାତୀମାନେ ଶାବକଟିକୁ କାଦୁଅରୁ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଶୁକ୍ରବାର ସକାଳୁ ସ୍ଥାନୀୟ ଲୋକେ ହାତୀ ଗର୍ଜନ ଶୁଣି ବନବିଭାଗକୁ ଖବର ଦେଇଥିଲେ। ବିଜେପି ରେଞ୍ଜର ମାନସ କୁମାର ମୁର୍ମୁ,ଶୁଆକାଟୀ ଫରେଷ୍ଟର ଟିକେଶ୍ୱର ମହାନ୍ତ ଏବଂ ଅନ୍ୟ ବନ କର୍ମଚାରୀ ଘଟଣାସ୍ଥଳରେ ସକାଳ ୯ଟା ସମୟରେ ପହ ିବା ବେଳକୁ ହାତୀ ଶାବକଟିର ମୃତ୍ୟୁ ହୋଇଯାଇଥିବା ଦେଖିବାକୁ ମିଳିଥିଲା। କେନ୍ଦୁଝର ଡିଏଫ୍‌ଓ ସ୍ୱୟମ ମଲ୍ଲିକ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ଫେରିଥିବାବେଳେ ଶନିବାର ଦିନ ହାତୀ ଶାବକଟିର ଶବ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି।

# ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ପାଳିତ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ୱୟଂଶାସିତ କଲେଜ ଠାରେ ଯୁବ ରେଡକ୍ରସ ଓ ୱାଟର କ୍ଲବ ତରଫରୁ ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ଗୁରୁବାର ପାଳିତ ହୋଇଯାଇଛି । ପ୍ରଥମେ ମହାବିଦ୍ୟାଳୟ ସମ୍ମୁଖରେ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ଯୁବ ରେଡକ୍ରସ ପରାମର୍ଶଦାତା ଡଃ ତରୁଣ କୁମାର ପ୍ରଧାନ ହସ୍ତ ପ୍ରକ୍ଷାଳନର ବିଭିନ୍ନ ନିୟମ ଦର୍ଶାଇଥିଲେ । ଏଥିରେ ଡିନ୍ ପ୍ରମୋଦ କୁମାର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ସାବୁନ ଓ ଜଳ ଦ୍ୱାରା ହସ୍ତ ପ୍ରକ୍ଷାଳନ କରି ବିଭିନ୍ନ ରୋଗ ଓ ଭୂତାଣୁ ଠାରୁ ନିଜକୁ ରକ୍ଷା କରିପାରିବା ବୋଲି ପ୍ରକାଶ କରିଥିଲେ । ପରେ କଲେଜ ଅଧକ୍ଷା ଅନୁପମା ପାଢୀଙ୍କ ଅଧକ୍ଷତାରେ ଏକ ଭର୍ଚୁଆଲ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧକ୍ଷା ଓ ରେଡକ୍ରସ ପରାମର୍ଶଦାତା ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସର ମହତ୍ୱ ଉପରେ ଆଲୋକପାତ କରିଥିଲେ । ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ସଂସ୍କୃତି ବାବୁ ହସ୍ତ ପ୍ରକ୍ଷାଳନର ନିୟମ ଓ ଅନୁଶୀଳନ ଉପରେ ପାୱାର ପାଏ ମାଧ୍ୟମରେ ବକ୍ତବ୍ୟ ରଖିଥିଲେ । ସମସ୍ତେ ରୋଗ, ମହାମାରୀ, ଭୂତାଣୁ, ଜୀବାଣୁ, କରୋନା ପ୍ରଭାବରୁ ରକ୍ଷା ପାଇବା ପାଇଁ ନିୟମିତ ସାବୁନରେ ଭଲ ଭାବରେ ହାତ ଧୋଇବା ଦ୍ୱାରା ହିଁ ଏହି ରୋଗ କମ କରିପାରିବା ବୋଲି ଜଣାଇଥିଲେ । ଏହା ପ୍ରତିବର୍ଷ ଅକ୍ଟୋବର ମାସ ୧୫ ତାରିଖରେ ୨୦୦୮ ମସିହାରୁ ମିଳିତ ଜାତିସଂଘ ତରଫରୁ ସମଗ୍ର ବିଶ୍ୱରେ ପାଳିତ ହୋଇ ଆସୁଅଛି । ଶେଷରେ ଅଧ୍ୟାପିକା ସଙ୍ଗୀତା ନେତାମ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଜ୍ୟରେ ନାରୀ ଅସୁରକ୍ଷିତ ଓ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ : କଂଗ୍ରେସ



ଭୁବନେଶ୍ୱର (ପିଏନ)- ତିର୍ତୋଲ ଅଂଚଳର ଜୈନିକା ନାବାଳିକାକୁ କଟକର ଚାଉଳିଆଗଞ୍ଜ ଥାନା ଅଧିନସ୍ଥ ଗତିରାଉତପାଟଣାର ଏକ ପରିତ୍ୟକ୍ତ ଘରେ ୨୨ ଦିନ କାଳ ବନ୍ଦି କରି ରଖି ଗଣଦୁଷ୍କର୍ମ କରିବା ଘଟଣାରେ ରାଜ୍ୟରେ ଆଇନ୍ ଶୃଙ୍ଖଳା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ଏବଂ ନାରୀ ଅସୁରକ୍ଷିତ ବୋଲି କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସିଧାସଳଖ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର। ଘଟଣା ସଂପର୍କରେ ପୋଲିସ ପାଖରେ ଅପରାଧିଙ୍କ ସଂପର୍କରେ ନିର୍ଦ୍ଦିଷ୍ଟ ତଥ୍ୟ ଭିତିକ ଅଭିଯୋଗ ହେବାର ୪୮ ଘଂଟା ବିତି ଯାଇଥିଲେ ମଧ୍ୟ ଅପରାଧିଙ୍କୁ ପୋଲିସ ଧରିବାରେ ବିଫଳ। ସମଗ୍ର ଦେଶରେ ଦଣ୍ଡହାର ଠାରୁ ରାଜ୍ୟର ଦଣ୍ଡ ହାର ସର୍ବନିମ୍ନ। ଯେଉଁଥି ପାଇଁ ଅପରାଧିମାନେ ଅପରାଧ ଘଟାଇବା ପାଇଁ ପଛଘୁଂଚା ଦେଉନାହାନ୍ତି ଏବଂ ଅପରାଧିମାନଙ୍କୁ ଦଣ୍ଡ ଦେବା ପାଇଁ ସରକାରଙ୍କର ମାନସିକତା ମଧ୍ୟ ନାହିଁ। କାରଣ ଦୀର୍ଘ ୨୦ ବର୍ଷର ଶାସନ କାଳରେ ଅଧିକାଂଶ ଅପରାଧିକ ଘଟଣାରେ ସରକାରୀ ଦଳର କର୍ମୀ ସଂପୃକ୍ତ ହୋଇଥିବାରୁ ତଦନ୍ତକାରୀ ସଂସ୍ଥା ଅପରାଧିଙ୍କ ପ୍ରତି କୋହଳ ମନୋଭାବ ରଖି ଅଭିଯୋଗ ଫର୍ଦ୍ଦ ଦାଖଲ କରୁଥିବାରୁ ଅପରାଧିମାନେ ଅପରାଧ ଘଟାଇ ଖସିବାରେ ସଫଳ ହେଉଛନ୍ତି ବୋଲି ଶ୍ରୀ ମିଶ୍ର ଅଭିଯୋଗ କରିବା ସହିତ ରାଜ୍ୟରେ ପିପିଲିର ବେବିନା, ଟିକିରି ଶିକ୍ଷୟତ୍ରୀ ଇତିଶ୍ରୀ ପ୍ରଧାନ ଓ ଆୟୁଷ ଡାକ୍ତରାଣୀ ମାଧବୀଲତା ଘଟଣାକୁ ରାଜ୍ୟ ସରକାର ଯେଭଳି ଭାବେ ତଦନ୍ତ କରାଇଲେ ତାହା ସମସ୍ତ ରାଜ୍ୟବାସୀ ଅବଗତ। ବିଶେଷକରି କୁନ୍ଦୁଲି ଘଟଣାରେ ସରକାରଙ୍କର ତଦନ୍ତ ଏବଂ ମାତ୍ରାଧିକ ଚାପ ସହି ନପାରି କୁନ୍ଦୁଲି ପୀଡିତା ଆତ୍ମହତ୍ୟା କରିଥିଲେ। ତେଣୁ ତିର୍ତୋଲ ପୀଡିତାଙ୍କ କ୍ଷେତ୍ରରେ କୁନ୍ଦୁଲି ଘଟଣାର ଯେଭଳି ପୁନରାବୃତି ନହେଉ, ସେଥିପାଇଁ ରାଜ୍ୟ ସରକାର ଉଚ୍ଚସ୍ତରୀୟ କ୍ରାଇମବ୍ରାଂଚ ତଦନ୍ତ କରାଇବା ସହିତ ପରିବାରକୁ ସୁରକ୍ଷା, ପୀଡିତା ରୋଜଗାରକ୍ଷମ ହେବା ପର୍ଯ୍ୟନ୍ତ ତା'ର ସମସ୍ତ ଭରଣପୋଷଣ ଖର୍ଚ୍ଚ ଓ ମାଗଣା ଶିକ୍ଷା ସହିତ ପୀଡିତାର ପରିବାରକୁ ସରକାରଙ୍କର ଜନମଙ୍ଗଳକାରୀ ଯୋଜନାରେ ସାମିଲ କରି ସାମାଜିକ ସୁରକ୍ଷା ପ୍ରଦାନ, ୨୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବାକୁ ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଶ୍ରୀମତୀ ରଶ୍ମି ମହାପାତ୍ର, ଜିନେ୍ ଦାସ, ନାରାୟଣ ଜେନା, ଦୀପକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




# ଅସାମ୍ବିଧାନିକ ଉପାୟରେ ଜିଗ୍ନେସ୍ ମେଓ୍ୱାନିଙ୍କୁ ଗିରଫ କରିବା ନିନ୍ଦନୀୟ

ଭୁବନେଶ୍ୱର (ପିଏନ୍): ଜିଗ୍ନେସ ମେଓ୍ୱାନିଙ୍କୁ ଅସାମ୍ବିଧାନିକ ଉପାୟରେ ଗିରଫର ପ୍ରତିବାଦ ଓ ତୁରନ୍ତ ଖଲାସ ଦାବିରେ ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ଅଧକ୍ଷ ବାଙ୍କନିଧି ବେହେରାଙ୍କ ନିର୍ଦ୍ଦେଶକ୍ରମେ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ମାନ୍ୟବର ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଅଛି । ଶ୍ରୀଯୁକ୍ତ ଜିଗ୍ନେସ ମେଓ୍ୱାନି ଜଣେ ଦକ୍ଷ, ବିଶିଷ୍ଟ ଦଳିତ ନେତା ଓ ବିଧାୟକ ବାଗାଦାମ ବିଧାନସଭା ନିର୍ବାଚନ ମଣ୍ଡଳି (ଗୁଜରାଟ) ଗତ.୨୧.୦୪.୨୦୨୨ତାରିଖ ମଧ୍ୟରାତ୍ରିରେ ଗୁଜୁରାଟର ପାଲାନପୁର ସର୍କିଟ୍ ହାଉସ୍‌ରୁ ଆସାମ ପୋଲିସ୍ ଗିରଫ କରିଛନ୍ତି ବୋଲି ଆମ୍ଭ ନଜରକୁ ଆସିଛି । ନିକଟରେ ବିଜେପି ନେତା ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଅଭିଯୋଗ କରିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ପର୍କରେ ଜିଗ୍ନେସ ମେଓ୍ୱାନି କରିଥିବା ଟ୍ୱିଟ୍ ଏକ ଅବାସ୍ତବ । ଆସାମର କୋକ୍ରୋଟର ଜିଲ୍ଲାର ଏକ ବିଜେପି ନେତା ଅରୁପ କୁମାର ଦେଙ୍କ ଅଭିଯୋଗ କ୍ରମରେ ଦର୍ଶାଇଛନ୍ତି ଯେ ଜିଗ୍ନେସ ମେଓ୍ୱାନିଙ୍କ ଟ୍ୱିଟ୍‌ଟି କିଛି ଗୋଷ୍ଠୀର ଜନସାଧାରଣଙ୍କ ମଧ୍ୟରେ ଉତେଜନା ସୃଷ୍ଟି କରିବ ଓ ସଂହତିରେ ବାଧା ସୃଷ୍ଟି କରିବ । ଜଣେ ବିଜେପି କର୍ମୀଙ୍କ ଅଭିଯୋଗ କ୍ରମେ ଜଣେ ନିର୍ବାଚିତ ଜନପ୍ରତିନିଧିଙ୍କୁ ଏଭଳି ଭାବରେ ଗିରଫ କରାଯିବା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ପର୍କରେ ଏକ ଟ୍ୱିଟ୍‌କୁ ନେଇ ଆସାମ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱକର୍ମାଙ୍କର ସରକାର ଏକ ଭୀରୁ ଏବଂ ପ୍ରତିଶୋଧପରାୟଣ, ବିଜେପି ସରକାର ବୋଲି ମନେହୁଏ । କେହିବି ଦଳିତ, ଆଦିବାସୀ ଓ ବଂଚିତ ବର୍ଗ ପାଇଁ ସ୍ୱର ଉଠାଇଲେ ବିଜେପି ସରକାର ତାଙ୍କର ପ୍ରତିଶୋଧପରାୟଣ ରୂପ ଦେଖାଇଥାନ୍ତି । ନିକଟରେ ଗୁଜରାଟ ପ୍ରଦେଶର ବିଧାନ ସଭା ନିର୍ବାଚନ ପାଖେଇ ଆସୁଥିବାରୁ କେନ୍ଦ୍ର ବିଜେପି ସରକାର, ଗ୍ୟାସ୍, ପେଟ୍ରୋଲ୍, ଡିଜେଲ୍, ସି.ଏନ୍.ଜି. ଓ ଅତ୍ୟାବଶକୀୟ ଦ୍ରବ୍ୟର ଅହେତୁକ ମୂଲ୍ୟ ବୃଦ୍ଧି ଉପରୁ ଜନସାଧାରଣଙ୍କ ନଜର ହଟାଇବା ଓ କୋଭିଡ୍ ମୃତ୍ୟୁକୁ ନିୟନ୍ତ୍ରଣ କରିବାରେ ଗୁଜରାଟ ସରକାର ବିଫଳ ଇତ୍ୟାଦିରୁ ନିଜର ବଦନାମକୁ ଲୁଚାଇବା ପାଇଁ କ୍ଷମତାର ଅପବ୍ୟବହାର କରି ଏ ସବୁ ହୀନ ଚକ୍ରାନ୍ତ କରୁଛନ୍ତି । ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଜିଗ୍ନେସଙ୍କୁ ଅସାମ୍ବିଧାନିକ ଉପାୟରେ ଗିରଫ କରାଯାଇଥିବାରୁ ଏ ଘଟଣାର ତିବ୍ର ନିନ୍ଦା କରାଯିବା ସହିତ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହ, ଓ ଆସାମ ମୁଖ୍ୟମନ୍ତ୍ରୀ ହେମ' ବିଶ୍ୱଶର୍ମା, ଜିଗ୍ନେସଙ୍କୁ ଲିଖିତ ଆକାରେ କ୍ଷମା ମାଗିବା ସହିତ ତାଙ୍କୁ ଖଲାସ କରି, ତାଙ୍କର ଗୁଜରାଟ ପ୍ରଦେଶର ଗୃହକୁ ପଠାଇବାର ସୁବନ୍ଦୋବସ୍ତ କରିବା ପାଇଁ ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଦାବ କରାଯାଇଅଛି । ଅଖିଳ ଭାରତୀୟ କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗର ଓ ରାଜ୍ୟ ଅଧକ୍ଷ ଶ୍ରୀ ବାଙ୍କନିଧି ବେହେରାଙ୍କ ନିର୍ଦ୍ଦେଶକ୍ରମେ ଏହି ପ୍ରତିନିଧି ମଣ୍ଡଳୀରେ କଂଗ୍ରେସ ଅନୁସୂଚିତ ଜାତି ବିଭାଗର କର୍ମକର୍ତା ସନ୍ତୋଷ କୁମ୍ଭାର, ମାନସ ମଲ୍ଲିକ,ଜାନକି ମଲ୍ଲିକ, ତାପସ ସେଠି ଓ ଜୟନ୍ତ କୁମାର ଭୋଇ ପ୍ରମୁଖ ମାନ୍ୟବର ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ ।

# ଉଜ୍ଜ୍ୱଳ ତାରକାର ଦୁଃଖଦ ଅବସାନ

ଭୁବନେଶ୍ୱର (ପିଏନ୍): ବିଶିଷ୍ଟ ଯୁବ ବୈଜ୍ଞାନିକ ତଥା ଗବେଷକ ଡାକ୍ତର ସୁଜିତ କୁମାର ମହାନ୍ତି ଦୀର୍ଘଦିନ ଧରି ଫୁସ୍‌ଫୁସ୍ ଜନିତ କ୍ୟାନସର୍ ରୋଗରେ ଆକ୍ରାନ୍ତ ହୋଇ ଗତ ଅପ୍ରେଲ ୮ ତାରିଖ ରାତିରେ ଏକ ଘରୋଇ ହସ୍ପିଟାଲ୍‌ରେ ଇହଲୀଳା ସମ୍ବରଣ କରିଛନ୍ତି । ଡକ୍ଟର ସୁଜିତ ମହାନ୍ତି ହେଉଛନ୍ତି ବିଶିଷ୍ଟ ଆଇନଜୀବୀ ତଥା ସମାଜସେବୀ ସୁଧୀର ମହାନ୍ତିଙ୍କ ଦ୍ୱିତୀୟ ପୁତ୍ର । ସୁଜିତ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ କୃତିତ୍ୱର ସହ ବାୟୋ-ଟେକ୍ନୋଲୋଜିରେ ପାସ୍ କରିବା ପରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କେମିକାଲ୍ ଟେକ୍ନୋଲୋଜି, ହାଇଦ୍ରାବାଦରେ ଅଧ୍ୟୟନ କରି ସେଠାରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ପାସ୍ କରିଥିଲେ । ତା'ପରେ ସେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍‌ସ, ବାଙ୍ଗାଲୋରରେ ପଢୁଥିବା ସମୟରେ ବିଭିନ୍ନ ବୈଜ୍ଞାନିକମାନଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସମ୍ପୂର୍ଣ୍ଣ ଛାତ୍ରବୃତ୍ତି ପାଇ ଉଚ୍ଚଶିକ୍ଷା ହାସଲ କରିବାକୁ ଆମେରିକା ଯାଇଥିଲେ । ସେଠାରେ ଆଇ.ଓ.ଡବ୍ଲ୍ୟୁ.ଏ. ୟୁନିଭରସିଟିରେ ବାୟୋକେମିକାଲ୍ ଇଞ୍ଜିନିୟରିଂରେ ପାସ୍ କରିବା ସଙ୍ଗେସଙ୍ଗେ ପି.ଏଚ୍‌ଡି. ହାସଲ କରିଥିଲେ । ଏହାପରେ ଏକ ବେସରକାରୀ କମ୍ପାନୀରେ କାମ କରି ଗବେଷଣା କରିଥିଲେ । ତାପରେ ପୋଷ୍ଟ ଡକ୍ଟରେଟ୍ କରିବା ସମୟରେ ଆମେରିକାର ବିଶିଷ୍ଟ ଓଡ଼ିଆ ଶିଳ୍ପପତି ଡାକ୍ତର ଶୀତିକଣ୍ଠ ଦାସଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ନିଜ ରାଜ୍ୟରେ ଶିଳ୍ପର ବିକାଶ ପାଇଁ କାର୍ଯ୍ୟ କରିବା ପାଇଁ ୨୦୧୯ ମସିହାରେ ଓଡ଼ିଶା ଫେରି ଆସିଥିଲେ । ଭୁବନେଶ୍ୱରରେ ସ୍ୱାଲୋକମ ବାଇଅଭେଞ୍ଚର୍ କମ୍ପାନୀ ଗଠନ କରି କାର୍ଯ୍ୟ ଆରମ୍ଭ କରିବା ସମୟରେ ଦୁଇଥର କୋରୋନାରେ ଆକ୍ରାନ୍ତ ହୋଇଥିଲେ । ଆରୋଗ୍ୟ ଲାଭ କରିଥିଲେ ମଧ୍ୟ ପରବର୍ତ୍ତୀ ପର୍ଯ୍ୟାୟରେ କ୍ୟାନ୍‌ସର୍‌ରେ ଆକ୍ରାନ୍ତ ହୋଇଥିଲେ । ଟାଟା ମେମୋରିଆଲ୍ ହସ୍ପିଟାଲ୍‌ରେ ଚିକିତ୍ସିତ ହୋଇଥିଲେ ମଧ୍ୟ ତାଙ୍କର ସ୍ୱାସ୍ଥ୍ୟାବସ୍ଥାରେ ବିଶେଷ ଅଗ୍ରଗତି ପରିଲକ୍ଷିତ ହୋଇ ନଥିଲା । ଭୁବନେଶ୍ୱରରେ ସମ୍ ହସ୍ପିଟାଲ୍‌ରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଥିଲା । ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ମାତା ରଞ୍ଜିତା ମହାନ୍ତି, ବଡ଼ଭାଇ ଡାକ୍ତର ସୁବ୍ରତ ମହାନ୍ତି, ଭାଉଜ ଲଭଲିନ୍ ମହାନ୍ତି, ସାନଭାଇ ଡକ୍ଟର ସନ୍ଦୀପ ମହାନ୍ତି, ଭାଇବୋହୂ ଡଃ ପ୍ରିୟଙ୍କା ମହାନ୍ତି ଉପସ୍ଥିତ ଥିଲେ ।

# ଲେଖକ ସମବାୟ ସମିତିର ରାଜ୍ୟସ୍ତରୀୟ କବିତା ପାଠ

ଆନନ୍ଦପୁର (ପିଏନ୍): ଆନନ୍ଦପୁର ଲେଖକ ସମବାୟ ସମିତିର ଦଶମ ବାର୍ଷିକ ସାରସ୍ୱତ ସମାରୋହ ଅବସରରେ ଏକ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହର ପ୍ରଥର ପର୍ଯ୍ୟାୟରେ ଅନୁଷ୍ଠିତ ଆସରକୁ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ପାଲାକାର ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ମଞ୍ଚାସୀନ ଅତିଥି ମାନଙ୍କ ମଧ୍ୟରେ ଅନ୍ୱେସା ସାହିତ୍ୟ ସଂସଦର ସଭାପତି ସୁରେନ୍ଦ୍ର କୁମାର ବେହେରା, କୁଶଳେଶ୍ୱର ସାହିତ୍ୟ ସଂସଦର ଉପସଭାପତି ମଙ୍ଗୁଳି ଚରଣ ପୃଷ୍ଟି, ସମ୍ବାଦ ସାହିତ୍ୟ ଘର ହାଟଡିହୀର ସଭାପତି ଅନ୍ତର୍ଯ୍ୟାମୀ ରାଉତ ଏବଂ ବଉଳା ସାହିତ୍ୟ ସଂସଦର କର୍ମକର୍ତ୍ତା ଅଧ୍ୟାପକ ସୁବାସ ପାତ୍ର, ଶ୍ରୀକାନ୍ତ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସାହିତ୍ୟରେ କବିତାର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ରତ୍ନାକର ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି ଭବ୍ୟ କବିତା ପାଠରେ ଯାଜପୁର, ଭଦ୍ରକ, କଟକ, ବାଲେଶ୍ୱର ଓ ମୟୁରଭଂଜ ଅଂଚଳର କବିମାନେ ସେମାନଙ୍କର ସ୍ୱରଚିତ କବିତା ଆବୃତି କରିଥିଲେ । ଆନନ୍ଦପୁର ଅଂଚଳର କବିମାନଙ୍କ ମଧ୍ୟରେ ଧୂମକେତୁ ଦାସ, ଅର୍ଜୁନ ବେହେରା, ମୁରଲୀଧର ବେହେରା, ଉମାକାନ୍ତ ଜେନା, ନରହରି ରାଉତ, ବନମାଳୀ ଜେନା, ଅଭୟ ସାମଲ, ବାମନ ବେହେରା, ସୁଦାମ ଚରଣ ଜେନା, ସୁରେନ୍ଦ୍ର କୁମାର ପରିଡା, ଦଶରଥ ସାହୁ, ରାମଚନ୍ଦ୍ର ଜେନା, ନିରନ ସାହୁ, ଗୋବର୍ଦ୍ଧନ ନାୟକ, ବୈଲୋଚନ ସାହୁ, ଜ୍ୟୋସ୍ନା ଦାସ, ମାଳତୀ ପଣ୍ଡା, କୀର୍ତ୍ତନ ସାହୁ, ରଘୁନାଥ ପଣ୍ଡିତ ପ୍ରମୁଖ କବିମାନେ କବିତା ଆବୃତ୍ତି କରିଥିଲେ । ପ୍ରଥମରେ ଛାତ୍ରୀ ସୁଦେସ୍ନା ସାହୁ ଆବାହନୀ ସଙ୍ଗୀତ ଗାନ କରିଥିଲେ ଓ ଅନୀଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଉରକେଲା ସ୍ୱରେଜ୍ ପ୍ରକଳ୍ପରେ ଦୁର୍ନୀତି ଓ ଅନିୟମିତତା ନେଇ ଏଡିଏମ୍‌ଙ୍କୁ ସାକ୍ଷାତ କଲା ଜିଲ୍ଲା କଂଗ୍ରେସ

ରାଉରକେଲା (ପିଏନ୍): ରାଉରକେଲା ସ୍ୱରେଜ୍ ପ୍ଲାଣ୍ଟ ପ୍ରକଳ୍ପରେ ହୋଇଥିବା ବ୍ୟାପକ ଦୁର୍ନୀତି, ଅନିୟମିତତା ତଥା ବୋର୍ଡ କର୍ତ୍ତୃପକ୍ଷଙ୍କ ତରଫରୁ ଠିକା ସଂସ୍ଥା ଏଲ୍‌ଆଣ୍ଡଟି କମ୍ପାନୀ ବେଆଇନ୍ ଭାବେ ଯୋଗାଇ ଦିଆଯାଉଥିବା ସୁବିଧା ସମ୍ପର୍କରେ ଜିଲ୍ଲା କଂଗ୍ରେସ ତରଫରୁ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମର କମିଶନର ଡ.ଶୁଭଙ୍କର ମହାପାତ୍ରଙ୍କୁ ସାକ୍ଷାତ କରି ସମସ୍ତ ବିଷୟ ଅବଗତ କରାଯାଇଛି । ପ୍ରାୟ ୩୪୮ କୋଟି ଟଙ୍କା ବ୍ୟୟ ମୁରୀରେ ଗତ ୨୦୧୭ ମସିହାରେ ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯାଇ ୨୦୨୦ ଜାନୁୟାରୀ ସୁଦ୍ଧା କାର୍ଯ୍ୟ ସାରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲେ ହେଁ ଅଦ୍ୟାବଧି ତାହା ସମ୍ପୂର୍ଣ୍ଣ ହୋଇ ନାହିଁ । ଯେଉଁ କାର୍ଯ୍ୟ ହାତକୁ ନିଆଯାଇଛି ସେଥିରୁ ବର୍ତ୍ତମାନ ସୁଦ୍ଧା ୨୦ ପ୍ରତିଶତ ବାକି ଥିବାବେଳେ ଯେଉଁ କାମ କରାଯାଇଛି ତାହା ଅତ୍ୟ' ନିମ୍ନମାନର ହୋଇଥିବାରୁ ତାହା ସହରବାସୀଙ୍କ ପାଇଁ ସର୍ବଦା ସମସ୍ୟା ସୃଷ୍ଟି କରୁଛି ବୋଲି କଂଗ୍ରେସ ନେତୃବୃନ୍ଦ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦତ୍ତ ଏକ ସ୍ମାରକପତ୍ରରେ କୁହାଯାଇଛି ଯେ, ମୁଖ୍ୟମାର୍ଗର ତାରିଣୀ ମନ୍ଦର ଠାରୁ ରଘୁନାଥପାଲ୍ଲୀ ଥାନା ପର୍ଯ୍ୟ' ଓ ଏସ୍‌ଟିଆଇ ଓଭରବ୍ରିଜ ଠାରୁ ବିରଜାପାଲ୍ଲୀ ଓଭର ବ୍ରିଜ୍ ପର୍ଯ୍ୟ' ସ୍ୱରେଜ୍ ପାଇପ୍ ବିଛାଯାଇ ନାହିଁ । ସେହିପରି ଛେଣ୍ଡ ଭିଏସ୍‌ଏସ୍ ମାର୍କେଟ ଛକଠାରୁ ବିଏସ୍‌ଏନ୍‌ଏଲ ଛକ ପର୍ଯ୍ୟ' ଉଭୟ ପାର୍ଶ୍ୱରେ ମଧ୍ୟ ପାଇପ୍ ବିଛାଯାଇ ନାହିଁ । ମୂଳ ଡ୍ରଇଁରେ ପାଇପ୍ ବିଛାଇବା ବ୍ୟବସ୍ଥା ଥିଲେ ହେଁ କାହିଁକି ଏଠାରେ ପାଇପ୍ ବିଛାଯାଇ ନାହିଁ ଓ ଏ ବାବଦ ଅର୍ଥ କୁଆଡେ ଗଲା ତାହା ଅନୁଧାନ କରିବାକୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ସେହିପରି ଯେଉଁ ପାଇପ୍ ବିଛା କାର୍ଯ୍ୟ କରାଯାଇଛି ଏଥିରେ ଆବଶ୍ୟକୀୟ ଗ୍ରାନାଇଟ୍ ପଥର ଚିପ୍‌ସ ଓ ଆବଶ୍ୟକୀୟ ବାଲି ଭର୍ତ୍ତି କରାଯାଇନଥିବାରୁ ବିଭିନ୍ନ ସ୍ଥାନରେ ରାସ୍ତା ଦବିଯାଉଥିବା ଦେଖାଯାଉଛି । ଯାହାର ଉଦାହରଣ ହେଉଛି ଜୋଲ୍ ରୋଡ୍, ଛେଣ୍ଡ ମୁଖ୍ୟମାର୍ଗ, ଆଇଟିଆଇ କଳିଙ୍ଗ ବିହାର ରାସ୍ତା, ବାସ'1 ପାଣି ଟାଙ୍କି ରାସ୍ତା ଇତ୍ୟାଦି । ଅତ୍ୟ' ନିମ୍ନମାନର କାର୍ଯ୍ୟ କରାଯାଇ ପାଇପ୍ ଲାଇନର ମେନ୍ ହୋଲ ନିର୍ମାଣ କରାଯାଇଥିବାରୁ ସେଗୁଡିକ କେଉଁଠି ରାସ୍ତା ଉପରେ ତ ଆଉ କେଉଁଠି ରାସ୍ତା ତଳେ ରହିଛି । ଫଳରେ ପ୍ରତିଦିନ ଛୋଟବଡ ଦୁର୍ଘଟଣାର କାରଣ ସାଜୁଛି । ପାଇପ୍ ବିଛା କାର୍ଯ୍ୟ ପରେ ରାସ୍ତା ନିର୍ମାଣ କରି ୫ ବର୍ଷ ପାଇଁ ମରାମତି ଓ ରକ୍ଷଣାବେକ୍ଷଣର ଦାୟିତ୍ୱ ଠିକା ସଂସ୍ଥା ଏଲ୍‌ଆଣ୍ଡଟି କମ୍ପାନୀର ହୋଇଥିବା ବେଳେ ସମ୍ପ୍ରତି ଦବିଯାଉଥିବା ଓ ଭୁଷୁଡି ପଡୁଥିବା ରାସ୍ତାଗୁଡିକୁ କାହିଁକି ଆର୍‌ଏମ୍‌ସି ନିର୍ମାଣ କରୁଛି ବୋଲି ଦଳ ତରଫରୁ ପ୍ରଶ୍ନ କରାଯାଇ ଏହାର ଅନଧାନ କରିବାକୁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇଛି । ଛେଣ୍ଡ ବାଗୁଡି ବସ୍ତି ଓ ବ୍ୟାଙ୍କ କଲୋନୀରେ ସ୍ୱରେଜ୍ ପାଇପ୍ ବିଛାଇବା ପାଇଁ ମୂଳ ଡ୍ରଇଁରେ ବ୍ୟବସ୍ଥା ନଥିବା ବେଳେ ଏ ଅଞ୍ଚଳରେ ପ୍ରାୟ ୩୦ ଲକ୍ଷ ଟଙ୍କାର ପାଇପ୍ ବିଛାଯାଇ ପରିତ୍ୟକ୍ତ ଅବସ୍ଥାରେ ଛାଡି ଦିଆଯାଇଛି । ଏହି ପାଇପ୍ ଲାଇନ୍‌କୁ କୌଣସି ମୁଖ୍ୟ ପାଇପ୍ ଲାଇନ୍ ସହିତ ସଂଯୋଗ କରାଯାଇନଥିବାରୁ ଏହି ପାଇପ୍ ବିଛା କାର୍ଯ୍ୟ ନଷ୍ଟ ହେବା ସହିତ ଏ ବାବଦରେ ବୋର୍ଡର ବିପୁଳ ଅର୍ଥ ନଷ୍ଟ ହେବାକୁ ଯାଉଥିବା ଏହାର ଆବଶ୍ୟକୀୟ ଅନୁଧାନ ପାଇଁ ଅନୁରୋଧ କରାଯାଇଛି । ଅପରପକ୍ଷରେ ଉକ୍ତ ଅଞ୍ଚଳରେ ପାଇପ୍ ବିଛା ବାବଦକୁ ଗୁଡାଏ ମିଥ୍ୟା ବିଲ୍ ପ୍ରସ୍ତୁତ କରାଯାଇ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ୍ କରାଯାଇଥିବା କଂଗ୍ରେସ ତରଫରୁ ଅଭିଯୋଗ କରାଯାଇଛି । ପ୍ରତ୍ୟେକ ବାସଗୃହକୁ ସ୍ୱରେଜ୍ ସଯୋଗୀକରଣ ପାଇଁ ସରକାର କିଛି ନିର୍ଦ୍ଦେଶନାମା ଜାରି କରିନଥିବା ବେଳେ ସ୍ଥାନୀୟ ସ୍ୱରେଜ୍ ବୋର୍ଡ କର୍ତ୍ତୃପକ୍ଷ ତାଙ୍କର କିଛି ପୋଷା ଠିକାଦାର ମାଧ୍ୟମରେ ବେଆଇନ୍ ଭାବେ ସ୍ୱରେଜ୍ ସଂଯୋଗୀକରଣ ପାଇଁ ଘର ପିଛା ୨୫ରୁ ୪୦ ହଜାର ଟଙ୍କା ଆଦାୟ କରୁଛନ୍ତି । ତେଣୁ ଏହା ମଧ୍ୟ ଅନୁଧାନ ସାପେକ୍ଷ ବୋଲି କଂଗ୍ରେସ ତରଫରୁ କୁହାଯାଇଛି । ସେହିପରି ବୋର୍ଡ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ମିତ ସ୍ୱରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପରିସରରେ ଏଲ୍‌ଆଣ୍ଡଟି କମ୍ପାନୀ ୨ ବର୍ଷ ହେଲା ନିଜ କାର୍ଯ୍ୟାଳୟ ଚଳାଉଥିବା ବେଳେ ୨ଟି କୋଠାକୁ ତାର କର୍ମଚାରୀଙ୍କ ପାଇଁ ଅତିଥି ଭବନ ଭାବେ ବ୍ୟବହାର କରୁଛ । ଏହାର ଭଡା ବାବଦକୁ ଟଙ୍କାଟିଏ ଏଲ୍‌ଆଣ୍ଡଟି କମ୍ପାନୀର ବିଲ୍‌ରୁ କଟାଯାଉନଥିବା ବେଳେ କୋଠାରେ ପାଣି ଓ ବିଜୁଳି ବିଲ୍ ବାବଦକୁ ମାସିକ ଲକ୍ଷାଧିକ ଟଙ୍କା ବୋର୍ଡ କର୍ତ୍ତୃପକ୍ଷ ଭରଣା କରୁଛନ୍ତି । ସ୍ୱରେଜ୍ ବୋର୍ଡ କର୍ତ୍ତୃପକ୍ଷ ଏଲ୍‌ଆଣ୍ଡଟି କମ୍ପାନୀ ପ୍ରତି କାହିଁକି ଏପରି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରି ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନୀ କରୁଛନ୍ତି ତାହା ତଦ' ସାପେକ୍ଷ ବୋଲି ସ୍ମାରକପତ୍ରରେ କୁହାଯାଇଛି । ତେବେ ସ୍ୱରେଜ୍ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ତଦାରଖ ପାଇଁ ରାଜ୍ୟ ସରକାର ସିଙ୍ଗାପୁରର ମେନ୍‌ହରଡାଟ୍ ପ୍ରାଇଭେଟ୍ କମ୍ପାନୀକୁ ୩୪ କୋଟି ଟଙ୍କାରେ ଚୁକ୍ତିବଦ୍ଧ କରିଥିବା ବେଳେ ଉକ୍ତ ସଂସ୍ଥା କ'ଣ ତଦାରଖ କରି କି ରିପୋର୍ଟ ଦେଇଛି ଓ କେତେ ଅର୍ଥ ସେ ବାବଦରେ ସରକାରଙ୍କ ଠାରୁ ନେଇଛି ତାହା ତଦ' ସାପେକ୍ଷ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ସମ୍ପ୍ରତି କାର୍ଯ୍ୟ ଅଧପ'ରିଆ ଅବସ୍ଥାରେ ଥିବାବେଳେ ସ୍ୱରେଜ୍ ବୋର୍ଡ କର୍ତ୍ତୃପକ୍ଷ ଏଲ୍‌ଆଣ୍ଡଟି କମ୍ପାନୀକୁ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ପ୍ରମାଣପତ୍ର ଦେବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି । ତେଣୁ ଏହି ଘଟଣାରେ ଅତିରିକ୍ତ ଜିଲ୍ଲାପାଳ ହସ୍ତକ୍ଷେପ କରି ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବା ପର୍ଯ୍ୟ' ପ୍ରକଳ୍ପର ହସ୍ତା'ର ପ୍ରକ୍ରିୟା ବନ୍ଦ ରଖିବାକୁ ସ୍ମାରକପତ୍ରରେ କଂଗ୍ରେସ ତରଫରୁ ଉଲ୍ଲେଖ କରାଯାଇଛି । ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ତଥା ରାଉରକେଲାର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ବରିଷ୍ଠ ଉପସଭାପତି ଦେବବ୍ରତ ବିହାରୀ, ଅନ୍ୟତମ ଉପସଭାପତି ସ'ୋଷ ବିଶ୍ୱାଳ ଓ କୀର୍ତ୍ତନ ଦାସ, ପୂର୍ବତନ କାର୍ଯ୍ୟକାରୀ ସଭାପତି ସବୀର ହୁସେନ, ପୂର୍ବତନ ପିସିସି ସମ୍ପାଦକ ଗଣେଶ ପ୍ରଧାନ, ଲିଗାଲ ସେଲ୍ ଅଧକ୍ଷ ବିସ୍ମୟ ଦାସ, ଅସଙ୍ଗଠିତ ଶ୍ରମିକ କଂଗ୍ରେସ ଅଧକ୍ଷ ନିହାର ଦାସ, ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାରସିଂ, ମୁଖପାତ୍ର କୈଳାସ ସାହୁ, ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ, ପୂର୍ବତନ ବ୍ଲକ୍ ସଭାପତି ବିନୋଦ ବିହାରୀ ପଟ୍ଟନାୟକ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ତୁଳସୀ ନାଗ, କାର୍ଯ୍ୟନିର୍ବାହୀ ସଦସ୍ୟ ଭାସ୍କର ଖିଲ୍ଲାର, ଦିଲ୍ଲୀପ ଜେନା, ସେବାଦଳର ବୁଲୁ ଦାସ, ନରେନ୍ଦ୍ର ବର୍ମା ପ୍ରମୁଖ ଉପସ୍ଥିତ ରହି ସ୍ମାରକପତ୍ର ପ୍ରଦାନ ସହିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

# ଓଡ଼ିଶାରେ ଯୁବ କଂଗ୍ରେସ ପକ୍ଷରୁ ୟଙ୍ଗ୍ ଇଣ୍ଡିଆ କେ ବୋଲ୍ ସିଜିନ-୨ ଶୁଭାରମ୍ଭ

ଭୁବନେଶ୍ୱର (ପିଏନ୍): ଯୁବ କଂଗ୍ରେସ ପକ୍ଷରୁ ରାଷ୍ଟ୍ରୀୟ ଓ ରାଜ୍ୟସ୍ତରୀୟ ଯୁବ ପ୍ରବକ୍ତା ସଂଗ୍ରହ ନିମନ୍ତେ ଭୁବନେଶ୍ୱରରେ 'ୟଙ୍ଗ ଇଣ୍ଡିଆ କେ ବୋଲ ସିଜିନ-୨' ଅଭିଯାନ ଶୁଭାରମ୍ଭ ହୋଇଛି । କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତି ରଂଜନ ଲେଙ୍କା, ୟଙ୍ଗ ଇଣ୍ଡିଆ କେ ବୋଲ ସିଜିନ-୨ର ଓଡ଼ିଶା ପ୍ରଭାରୀ ନମ୍ରତା ସୋନୀ, ଯୁବ କଂଗ୍ରେସ ରାଷ୍ଟ୍ରୀୟ ପ୍ରବକ୍ତା ତଥା ଓଡ଼ିଶା ସହ ପ୍ରଭାରୀ ଜାବେଦ ଖାନଙ୍କ ସମେତ ଯୁବ କଂଗ୍ରେସର ଅନ୍ୟ ପ୍ରଦେଶ ପଦାଧିକାରୀମାନେ ଉପସ୍ଥିତ ରହି ଅଭିଯାନର ଶୁଭାରମ୍ଭ କରିଥିଲେ ।

ଏହି ଅବସରରେ ପ୍ରଭାରୀ ନମ୍ରତା ସୋନୀ କହିଲେ ଯେ ୟଙ୍ଗ ଇଣ୍ଡିଆ କେ ବୋଲ ହେଉଛି ଏଭଳି ଏକ କାର୍ଯ୍ୟକ୍ରମ, ଯାହା ମାଧ୍ୟମରେ ଯୁବବର୍ଗ ନିଜ ଅଂଚଳଠାରୁ ଆରମ୍ଭ କରି ଜାତୀୟସ୍ତରୀୟ ବିଭିନ୍ନ ପ୍ରସଙ୍ଗ ଉପରେ ନିଜର ଦୃଢ଼ ମତ ଉପସ୍ଥାପନ କରିବାର ସୁଯୋଗ ପାଇପାରିବେ । ଏହି ପ୍ରକ୍ରିୟା ପାଇଁ ଏକ ଗୁଗୁଲ ଫର୍ମ ଜାରି କରାଯାଇଛି, ଯାହାକି ମେ ୩୧ ସୁଦ୍ଧା ପୂରଣ କରାଯାଇପାରିବ । ଦ୍ୱିତୀୟ ପର୍ଯ୍ୟାୟରେ ଏହି ଅଂଶଗ୍ରହଣକାରୀମାନଙ୍କୁ ନେଇ ଜିଲ୍ଲାସ୍ତରରେ ବିଭିନ୍ନ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯିବ । ଏଥିରେ କୃତୀ ପ୍ରତିଯୋଗୀ ପରେ ରାଜ୍ୟସ୍ତରୀୟ ଏବଂ ବିଭିନ୍ନ ରାଜ୍ୟରୁ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ, ଯାହାକି ଆସନ୍ତା ଅକ୍ଟୋବର ମାସରେ ଅନୁଷ୍ଠିତ ହେବ ।

ସହ ପ୍ରଭାରୀ ଜାବେଦ ଖାନ ସୂଚନା ଦେଇ କହିଲେ ଯେ ସାରା ଦେଶରେ ଯୁବ ପ୍ରତିଭା ଓ ସାହସୀ ଯୁବବର୍ଗଙ୍କୁ ଖୋଜି ବାହାର କରିବା ନିମନ୍ତେ ରାହୁଲ ଗାନ୍ଧିଙ୍କ ଅଭିନବ ପରିକଳ୍ପନା ସ୍ୱରୂପ ୟଙ୍ଗ ଇଣ୍ଡିଆ କେ ବୋଲ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି । ୨୦୨୧ରେ ଭାରତୀୟ ଯୁବ କଂଗ୍ରେସ ପକ୍ଷରୁ ୟଙ୍ଗ ଇଣ୍ଡିଆ କେ ବୋଲ କାର୍ଯ୍ୟକ୍ରମ ମାଧ୍ୟମରେ ୨୭ଜଣ ରାଷ୍ଟ୍ରୀୟ ପ୍ରବକ୍ତା ଓ ୨୫୦ରୁ ଉର୍ଦ୍ଧ୍ୱ ପ୍ରଦେଶସ୍ତରୀୟ ପ୍ରବକ୍ତାଙ୍କୁ ଚୟନ କରାଯାଇଥିଲା । ରାହୁଲ ଗାନ୍ଧିଙ୍କ ଏହି ପରିକଳ୍ପନାକୁ ପୁଣି ଥରେ ସାକାର କରିବା ନିମନ୍ତେ ଭାରତୀୟ ଯୁବ କଂଗ୍ରେସ ରାଷ୍ଟ୍ରୀୟ ପ୍ରଭାରୀ କ୍ରିଷ୍ଣା ଆଲାବାରୁଙ୍କ ମାର୍ଗ ଦର୍ଶନ ତଥା ଭାରତୀୟ ଯୁବ କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ବି.ଭି ଶ୍ରୀନିବାସଙ୍କ ନେତୃତ୍ୱରେ ଦେଶବ୍ୟାପୀ ୟଙ୍ଗ ଇଣ୍ଡିଆ କେ ବୋଲ ସିଜିନ-୨ ଆରମ୍ଭ ହୋଇଛି । ଗତ ୨୬ ମାର୍ଚ୍ଚରୁ ଯୁବ କଂଗ୍ରେସ ରାଷ୍ଟ୍ରୀୟ କାର୍ଯ୍ୟାଳୟଠାରେ ଉଦ୍‌ଘାଟିତ ହୋଇଥିବା ଏହି ଅଭିଯାନ ବିଭିନ୍ନ ରାଜ୍ୟରେ କରାଯାଉଛି । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସମ୍ପାଦକ ଜ୍ଞାନ ରଜ ରାଉତ, ବୀରେନ କୁମାର ଦଳେଇ, ଆଶୁତୋଷ ଲେଙ୍କା, ଶ୍ରୀବସ୍ତ ରଥ, ମନିଷା ଦାଶ ପଟ୍ଟନାୟକ, ରାକେଶ ଦାସ, ରିତୁଲ ମହାରଣା, ସୌମ୍ୟରଂଜନ ମିଶ୍ର, ଅକ୍ଷୟ କୁମାର ମଲ୍ଲ, ହରିଶଙ୍କର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ବୈଠକ

ଖୋର୍ଦ୍ଧା (ପିଏନ)- ଖୋର୍ଦ୍ଧା ଜିଲ୍ଲା ସଦର ମହକୁମାରେ ଜିଲ୍ଲା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ବୈଠକ ସଭାପତି ଅଗାଧୁ ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସରକାରଙ୍କ ଶିକ୍ଷା ଓ ଶିକ୍ଷକ ମାରଣ ନୀତିକୁ ତୀବ୍ର ସମାଲୋଚନା କରିବା ସହ ଦୀର୍ଘ ୬ ବର୍ଷ ଧରି ସରକାରଙ୍କ ପକ୍ଷରୁ ଏ ପର୍ଯ୍ୟନ୍ତ ନୂତନ ଶିକ୍ଷକ ନିଯୁକ୍ତି କରି ନାହାନ୍ତି । ଫଳରେ ବହୁ ଶିକ୍ଷକ ପଦବୀ ଖାଲି ପଡିଥିବାବେଳେ ବିଦ୍ୟାଳୟରେ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇପଡିଛି । ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ଯୋଗୁଁ ଗୁଣାତ୍ମକ ମାନ ବୃଦ୍ଧି ପାଇନାହିଁ ବୋଲି ସଂଘ ଅଭିଯୋଗ କରିଛି । ତେବେ ଶିକ୍ଷକମାନଙ୍କର ବିଭିନ୍ନ ସମସ୍ୟାରୁ ଶିକ୍ଷା ଅଧିକାରୀମାନେ ସମାଧାନ କରିପାରି ନାହାନ୍ତି । ସମସ୍ତ ଜିଲ୍ଲାର ଶିକ୍ଷକଙ୍କ ପଦୋନ୍ନତି ଦିଆଯାଇଥିବା ବେଳେ ଖୋର୍ଦ୍ଧା ଜିଲ୍ଲାରେ ଲେବୁଲ୫(କ)ରୁ ୫(ଖ)ରୁ ଲେବୁଲ ୪କୁ ପଦୋନ୍ନତି କରାଯାଉନାହିଁ । ଶିକ୍ଷକମାନଙ୍କୁ ନିଜ ବ୍ଲକକୁ ବଦଳି କରିବା, ବେଗୁନିଆ ବ୍ଲକର ଯେଉଁ ଶିକ୍ଷକମାନଙ୍କର ୧୦ ବର୍ଷ ପୂରଣ ହୋଇଛି ସେମାନଙ୍କୁ ଏମଏସପି ସୁବିଧା ଦେବା, ମାସର ପ୍ରଥମ ଦିନର ଦରମା ପ୍ରଦାନ କରିବା ଓ ଶିକ୍ଷକମାନଙ୍କୁ ଡିଆଇସି ପାସ ବୁକ ପ୍ରଦାନ କରାଯାଉ ନଥିବାରୁ ନେତୃବୃନ୍ଦ ଅସନ୍ତୋଷ ପ୍ରକାଶ କରିଥିଲେ ।

# ଓଡିଶାରେ ବିଲାଇଭର ୫ମ ମଲ୍ଟି ବ୍ରାଣ୍ଡ ଷ୍ଟୋର

ଭୁବନେଶ୍ୱର,(ପି.ଏନ): ସାରା ଦେଶରେ ଏହାର ସମ୍ପ୍ରସାରଣ ପ୍ରୟାସ ଜାରି ରଖିଥିବା ବିଲାଇଭ ଭାରତର ଦ୍ରୁତତମ ବୃଦ୍ଧି ପାଉଥିବା ମଲ୍ଟି ବ୍ରାଣ୍ଡ ଇଲେକ୍ଟ୍ରିକ୍ ଯାନ ପ୍ଲାଟଫର୍ମ,ଏହାରପଞ୍ଚମ ମଲ୍ଟି ବ୍ରାଣ୍ଡ ଷ୍ଟୋର ଓଡିଶାର ବ୍ରହ୍ମପୁରରେ ଖୋଲିଛି । ବିଲାଇଭର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରତୀକ ଦାଶଙ୍କ ସହ ଶ୍ରୀ ସ'ୋଷ କୁମାର ଅଗ୍ରୱାଲ, ଆଶିଷ ଅଗ୍ରୱାଲ ଏବଂ ଷ୍ଟୋର କର୍ମଚାରୀଙ୍କ ଉପସ୍ଥିତିରେ ଏହି ଷ୍ଟୋରକୁ ଉଦଘାଟନ କରିଥିଲେ । ବୈଦୁତିକ ଗତିଶୀଳତା ଏବଂ ଇନ୍ଧନ ମୂଲ୍ୟ ବୃଦ୍ଧିରେ ବିଶ୍ୱ ସଚେତନତା ହେତୁ ଗ୍ରାହକଙ୍କ ଚାହିଦାର ବୃଦ୍ଧିକୁ ନଜରରେ ରଖି ଏହି ଭାରତର ୨୬ ତମ ଇଭି ଷ୍ଟୋରକୁ ଓଡିଶାର ବ୍ରହ୍ମପୁରରେ ଖୋଲାଯାଇଛି । ବିଲାଇଭ ଷ୍ଟୋର ଏକାଧିକ ଇଭି ବ୍ରାଣ୍ଡ, ବିଶେଷଜ୍ଞ ସମର୍ଥନ, ସହଜ ଅର୍ଥ ଏବଂ ରୋମାଞ୍ଚକର ଅଫରରୁ ବିଭିନ୍ନ ପ୍ରକାରର ବୈଦ୍ୟୁତିକ ଯାନ ପ୍ରଦାନ କରେ । ବିଭିନ୍ନ ବୈଦ୍ୟୁତିକ ସ୍କୁଟର, ଚକ, ମୋଟରସାଇକେଲ ଏବଂ ବିତରଣ ଯାନ ପାଇଁ କ୍ରେତାମାନେ ଇଏମଆଇରେ ମାସକୁ ୨,୦୦୦ ରୁ କମ୍ ଚୟନ କରିପାରିବେ । ୨୦ ରୁ ଅଧିକ ଫ୍ରାଞ୍ଚାଇଜ୍ ମାଲିକାନା ଷ୍ଟୋରଗୁଡିକର ଏକ ନେଟୱାର୍କ ସହିତ,ବିଲାଇଭ ୨୫୦୦ ରୁ ଅଧିକ ପରିବାର ଏବଂ ବ୍ୟବସାୟକୁ ବୈଦୁତିକ ଯାନ ମାଧ୍ୟମରେ ସାହାଯ୍ୟ କରିଛି । ଷ୍ଟୋରରେ କିନେଟିକ୍ ଗ୍ରୀନ୍, ହିରୋ ଲେକ୍ଟ୍ରୋ, ଡିଟେଲ, ବ୍ୟାଟ୍‌ରେ, ଜେମୋପାଇ, ଟେଟୋ ଇଲେକ୍ଟ୍ରା, ଇ-ମୋଟୋରଡ ଏବଂ ଅନ୍ୟାନ୍ୟ ବୈଦ୍ୟୁତିକ ଯାନ ପ୍ରଦର୍ଶିତ ହୋଇଛି । ଗ୍ରାହକମାନେ ଷ୍ଟାଇଲିସ୍ ଲୁକ୍ ସହିତ ବହୁ ପ୍ରତୀକ୍ଷିତ ହାଇ ସ୍ପିଡ୍ ଇଭିଗୁଡିକ ମଧ୍ୟରୁ ଗୋଟିଏ ଅନୁଭବ କରିପାରନ୍ତି – ବିଲାଇଭର ମଲ୍ଟି ବ୍ରାଣ୍ଡ ଷ୍ଟୋରରେ ବ୍ୟାଟ୍: ପୁନ ଷ୍ଟୋରୀ । ଏହି ସ୍ମାର୍ଟ ଏବଂ ଅଭିନବ ଇ-ବାଇକ୍ ବ୍ୟାଟ୍‌ରେ ଏହାର ରେ ପ୍ରଥମ ଅଟୋ।ସିଇଓ ତଥା ସହ-ପ୍ରତିଷ୍ଠାତା ସମର ଖୋଲକର କହିଛନ୍ତି ଯେ 'ଓଡିଶାରେ ଭଳି ରାଜ୍ୟରେ ଏକ ନୂତନ ମଲ୍ଟି ବ୍ରାଣ୍ଡ ଅଭିଜ୍ଞତା ଷ୍ଟୋର ସହିତ ଆମର ଉପସ୍ଥିତି ବଢାଇବାକୁ ଆମେ ଉତ୍ସାହିତ । ସତ କହିବାକୁ ଗଲେ, ଆମେ ଓଡିଶାରେ ଏହି ପ୍ରକାରର ଜବରଦସ୍ତ ପ୍ରତିକ୍ରିୟା ପାଇବାକୁ ଆଶା କରିନାହୁଁ; ଆମେ ପ୍ରକୃତରେବ୍ରହ୍ମପୁରର ନୂତନ ଷ୍ଟୋର ଲୋକମାନଙ୍କୁ ଇଲେକ୍ଟ୍ରିକ୍ ଗତିଶୀଳତାପାଇଁ ଇଭିଏସ୍ ଷ୍ଟୋର ହୋମ ଡେମୋକୁ ମଧ୍ୟ ସୁଗମ କରିବ ଏବଂ ଗ୍ରାହକଙ୍କୁ ରୋମାଞ୍ଚକର ଅଫର ଏବଂ ସହଜ ଫାଇନାନ୍ସ ବିକଳ୍ପ ବିଷୟରେ ସୂଚନା ପ୍ରଦାନ କରିବ । 'ଜଳବାୟୁ ପରିବର୍ତ୍ତନ ଚି'।ଧାରାକୁ ନେଇ ବିଶ୍ୱସ୍ତରୀୟ ସଚେତନତା ସହିତ ବୈଦ୍ୟୁତିକ ଗତିଶୀଳତା ବୃଦ୍ଧି ପାଇଁ ଭାରତର ପ୍ରତିବଦ୍ଧତା ଦ୍ୱାରା ରାଜ୍ୟ ସରକାର ଚଳିତ ବର୍ଷ ପ୍ରାରମ୍ଭରେ ଏହାର ଇଭି ନୀତି ପ୍ରକାଶ କରିଛନ୍ତି ଯାହା ଉଭୟ ବ୍ୟକ୍ତିଗତ ଗତିଶୀଳତା ଏବଂ ସାଧାରଣ ପରିବହନ ବିଭାଗରେ ବୈଦ୍ୟୁତିକ ଯାନ ଗ୍ରହଣକୁ ସମର୍ଥନ କରିବ । ଇଭି ନୀତି ମଧ୍ୟ ସ୍ୱଚ୍ଛ ଶକ୍ତି ଉତ୍ସ ଉପରେ ଧ୍ୟାନ ଦେଇ ଇଲେକ୍ଟ୍ରିକ୍ ଭେଇକିଲ୍ ଚାର୍ଜିଂ ଷ୍ଟେସନ୍ ଏବଂ ବ୍ୟାଟେରୀ ସ୍ୱାପିଂ ଷ୍ଟେସନର ଏକନେଟୱାର୍କ ସୃଷ୍ଟି କରିବାକୁ ସକ୍ଷମ କରିବାକୁ ଚେଷ୍ଟା କରେ ।ଚଳିତ ବର୍ଷ ଫେବୃଆରୀରେ ଘୋଷିତ ହୋଇଥିବା ଇଭି ନୀତି ଅନୁଯାୟୀ ମିଶନ ଶକ୍ତି, ବ୍ୟକ୍ତିବିଶେଷ ତଥା ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ ଓଡିଶା ସରକାର ସ୍ୱତନ୍ତ୍ର ଯୋଜନା ଘୋଷଣା କରିଛନ୍ତି । ବ୍ରହ୍ମପୁରରେ ଥିବା ବିଲାଇଭ ଷ୍ଟୋରର ଆଶିଷ ଅଗ୍ରୱାଲ ଏହି ଉନ୍ମୋଚନ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, 'ଆମେ ବିଲାଇଭ ସହ ସହଭାଗୀ ହୋଇ ଗର୍ବିତ ଏବଂ ଓଡିଶାରେ ବୈଦ୍ୟୁତିକ ଗତିଶୀଳତାକୁ ଉତ୍ସାହିତ କରିବା ଦିଗରେ ଆମର ପ୍ରତିବଦ୍ଧତା ପ୍ରଦର୍ଶନ କରୁଛୁ । ଇଭିଏସ୍ ଶୀଘ୍ର ଜନତାଙ୍କ ମଧ୍ୟରେ ଆକର୍ଷିତ ହେବାରେ ଲାଗିଛି, ସେମାନଙ୍କର କାର୍ଯ୍ୟଦକ୍ଷତା ଏବଂ ନିର୍ଭରଯୋଗ୍ୟତା ଉପରେ ସାମାନ୍ୟ ଆଶଙ୍କା ଅଛି । ଆମେ ଲୋକମାନଙ୍କୁ ଅନୁରୋଧ କରୁଛୁ ଯେ ଆମର ବୈଦ୍ୟୁତିକ ଯାନଗୁଡିକର ପରିସର ଅନୁସନ୍ଧାନ କରିବାକୁ ଏବଂ ଇଲେକ୍ଟ୍ରିକ୍ ଗତିଶୀଳତା କାହିଁକି ଘଣ୍ଟାର ଆବଶ୍ୟକତା ଅଟେ ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

# ମୋ ସହର

## ବାଲିଘାଟ ନିଲାମ ବନ୍ଦ ପାଇଁ ହାଇକୋର୍ଟରେ ମାମଲା

କୋରେଇ, (ପିଏନ)- ଯାଜପୁର ଜିଲ୍ଲା କୋରାଇ ବ୍ଲକ ମୂଳାପାଳ ପଂଚାୟତ ଅନ୍ତର୍ଗତ ରଣପାଳ ଓ ଧନତ୍ରୀ ମୌଜାର ବୈତରଣୀ ନଦୀରେ ବାଲିଘାଟ ନିଲାମ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ନକରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ତହସିଲଦାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଥିଲା । ପରେ ଦୁଇ ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ବନ୍ଦ କରିବା ନେଇ ଗ୍ରାମବାସୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଏନେଇ ଡବ୍ଲୁ. ପି. (ସି) ୨୨୭୨୫ରେ ମାମଲା ରୁଜୁ କରାଯାଇଛି । ବୈତରଣୀ ନଦୀର ଏହି ବାଲିଘାଟ ନିଲାମ ଦ୍ୱାରା ନଦୀବନ୍ଧ ପ୍ରତି ବିପଦ ସହ ବନ୍ୟାପ୍ଲାବିତ ଏହି ପଂଚାୟତର କ୍ଷୀରୋ, ସରସଦା ଧନତ୍ରୀ, ଗୋବିନ୍ଦପୁର, ରଣପାଳ ସମେତ ଅନେକ ଗ୍ରାମ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ତେଣୁ ବିପଦ ଦୃଷ୍ଟିରୁ ଏହି ନିଲାମ ବନ୍ଦ କରିବାକୁ ଅଭିଯୋଗରେ ଦର୍ଶାଯାଇଛି । ଏହା ସହିତ ନଦୀ ପଠାରେ ଥିବା ବିଭିନ୍ନ ଦେବାଦେବୀ ମନ୍ଦିର କ୍ଷତିଗ୍ରସ୍ତ ହେବ ।

ଏନେଇ ରଣପାଳ ଗ୍ରାମର କିଶୋର ଚନ୍ଦ୍ର ପାଳ, କାର୍ତ୍ତିକ ଚନ୍ଦ୍ର ପଣ୍ଡା, ଅଭିମନ୍ୟୁ ପାଳ, ଉପେନ୍ଦ୍ର ବେହେରା, ପ୍ରତାପ ମଲ୍ଲିକ, ଦୁର୍ଗାପ୍ରସାଦ ପଣ୍ଡା ପ୍ରମୁଖ ଓଡିଶା ସରକାର ପଂଚାୟତରାଜ ପ୍ରିନିସପାଲ ସେକ୍ରେଟାରୀ, ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରିନିସିପାଲ ସେକ୍ରେଟାରୀ, କଲେକ୍ଟର ଯାଜପୁର, ସବକଲେକ୍ଟର ଯାଜପୁର ଓ ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି । ପରବର୍ତ୍ତି ଶୁଣାଣୀ ପର୍ଯ୍ୟନ୍ତ ନିଲାମ ବନ୍ଦ କରିବାକୁ ହାଇକୋର୍ଟ ଜିଲ୍ଲାପାଳ ଯାଜପୁରଙ୍କୁ ଅବଗତ କରିଛନ୍ତି ।

## ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଙ୍କୁ ପଦୋନ୍ନତି

କଣାସ, (ପିଏନ)- ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ହାଇସ୍କୁଲ ଶିକ୍ଷକମାନଙ୍କର ପଦୋନ୍ନତି ସମ୍ପର୍କିତ ସରକାରୀ ତାଲିକା ପ୍ରକାଶ ପାଇଛି । କିନ୍ତୁ ଏହି ତାଲିକାର ସଠିକତା ନେଇ ବୁଦ୍ଧିଜୀବି ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କାରଣ ଏହି ତାଲିକାରେ କଣାସ ବ୍ଲକରୁ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ୯ ମାସ ହେଲା ଅବସର ନେଇଯାଇଥିବା ବେଳେ ସେମାନଙ୍କୁ ପଦୋଉନ୍ନତି ଦିଆଯାଇଥିବା ଜଣାପଡିଛି । ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ନଂ- ୧୯୦୭୦ ତାରିଖ ୧୧.୦୯.୨୦୨୦ରିଖରେ ପୁରୀ ଜିଲ୍ଲାର ୯୨ ଜଣ କନିଷ୍ଠ ବର୍ଗ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ପଦୋନ୍ନତି ମିଳିଛି । ଉପୋଉନ୍ନତି ସାଙ୍ଗକୁ ସେମାନଙ୍କୁ ସେହି ବିଦ୍ୟାଳୟ ଅଥବା ଅନ୍ୟ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି । କିନ୍ତୁ, ଏହି ତାଲିକାର କ୍ରମିକ ନଂ-୫୮ରେ ଥିବା ଜମ୍ବେଶ୍ୱର ସାମନ୍ତରାୟ ଗଡସାନପୁଟ ହାଇ ସ୍କୁଲରୁ ଗତ ଜାନୁଆରି ମାସରେ ଅବସର ନେଇଯାଇଥିବା ବେଳେ ସେହି ତାଲିକାର କ୍ରମିକ ନଂ-୬୧ରେ ଥିବା କାଦୁଆଖାଟ ଏକାଡେମୀର ରମେଶ ଚନ୍ଦ୍ର ମିଶ୍ର ଗତ ବର୍ଷ ମଇ ମାସରେ ଆରପାରିକୁ ଚାଲିଗଲେଣି । ଅବସର ନେବା ୮ମାସ ଅଥବା ମୃତର ଦେଢ ବର୍ଷପରେ ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଦ୍ୱୟ କିପରି ଦାୟିତ୍ୱ ଗ୍ରହଣ କରିବେ ଏହାକୁ ହିଁ ବୁଦ୍ଧିଜୀବିମାନେ ଅପେକ୍ଷା କରିରହିଛନ୍ତି ।

## ମହିଳା ସାଥି ନିଯୁକ୍ତି ବାତିଲ୍ ନହେଲେ ଆନ୍ଦୋଳନ କରିବେ ଗାଁ ସାଥି

କେନ୍ଦ୍ରାପଡା, (ପିଏନ)- ନିଖିଳ ଓଡିଶା ଗାଁ ସାଥି ସଂଘ କେନ୍ଦ୍ରାପଡା ଶାଖା ପକ୍ଷରୁ ମହିଳା ସାଥି ନିଯୁକ୍ତି ବାତିଲ୍ ପାଇଁ ଦାବି କରାଯାଇଛି । ନିଯୁକ୍ତି ବାତିଲ୍ କରା ନଗଲେ ଚଳିତ ମାସ ୧୮ ତାରିଖରେ ଜିଲ୍ଲାପାଳ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରାଯିବ ବୋଲି ଜିଲ୍ଲା କମିଟି କର୍ମକର୍ତା ମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ସ୍ମାରକପତ୍ରର ଦାବି ମୁତାବକ ଏମ ନରେଗା କାର୍ଯ୍ୟ ପରିଚାଳନା ପାଇଁ ରାଜ୍ୟ ସରକାର ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ଦୁଇ ଜଣ ଉଚ୍ଚ ଶିକ୍ଷିତ ଗାଁ ସାଥିଙ୍କୁ ନିଯୁକ୍ତି ଦେଇଥିଲେ । ଚୁକ୍ତି ମୁତାବକ ସେମାନଙ୍କୁ ଥଇଥାନ କରା ନଯାଉଣୁ ପୁନର୍ବାର ପ୍ରତ୍ୟେକ ଗ୍ରାମରେ ଦୁଇଜଣ ମହିଳାଙ୍କୁ ନିଯୁକ୍ତି ଦେବାପାଇଁ ବିଜ୍ଞାପନ ବାହାର କରାଯାଇଛି । ଏହାକୁ ତୁରନ୍ତ ପ୍ରତ୍ୟାହର କରିବା ପୂର୍ବରୁ ଥିବା ଗାଁ ସାଥି ମାନଙ୍କୁ ତାଲିମ୍ ପ୍ରଦାନ କରି ଖାଲିଥିବା ସରକାରୀ ଚାକିରୀରେ ନିଯୁକ୍ତି ଥିବା, ପ୍ରତ୍ୟେକ ଗ୍ରାମରେ ପ୍ରବାସୀ ଶ୍ରମିକ ଓ ବେକାର ଯୁବକ ଯୁବତୀଙ୍କୁ ୨୦୦ ଦିନର କାମ ଯୋଗାଇ ଦେବା ପ୍ରଭୃତି ୫ ଦଫା ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ପ୍ରଦାନ କରାଯାଇଛି । ସଂଘର ଉପଦେଷ୍ଟା ଆଇନଜୀବି ରମଣୀ ରଞ୍ଜନ ରାଉତରାୟ, ସଭାପତି ପ୍ରମିଳା ସାମଲ, କ୍ଷିରୋଦ କୁମାର ଖଟୁଆ, ନିତ୍ୟ ସୁନ୍ଦର ଜେନା, ଉପେନ୍ଦ୍ର ସାହୁ, ମୁକୁନ୍ଦ ମହାପାତ୍ର, ରବିନ୍ଦ୍ର ରାଉତ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

## ଶ୍ରମିକ ବିରୋଧି ବି.ଜେ.ପି ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇବା ପାଇଁ ଶ୍ରମିକ କର୍ମଚାରୀ ବଦ୍ଧ ପରିକର




ଭୁବନେଶ୍ୱର, ୨୭।୧୦(ପି.ଏନ): କେନ୍ଦ୍ରରେ ବି.ଜେ.ପି ସରକାର ଏବଂ ରାଜ୍ୟରେ ବି.ଜେ.ଡ଼ି ସରକାର କୃଷକ କର୍ମଚାରୀ ବିରୋଧି ହୋଇଥିବାରୁ ଆଗାମୀ ବାଲେଶ୍ୱର ଓ ତ୍ରିତୋଲ ବିଧାନସଭା ଉପନିର୍ବାଚନରେ ବି.ଜେ.ପି ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇ କଂଗ୍ରେସ ଦଳର ପ୍ରାର୍ଥୀ ମମତା କୁଣ୍ଡୁ ଓ ଜଗତସିଂହପୁର ପ୍ରାର୍ଥୀ ହିମାଂଶୁ ମଲ୍ଲିକଙ୍କୁ ଜିତାଇବା ପାଇଁ ଗତ ତା. ୨୨.୧୦.୨୦୨୦ ରିଖରେ ବାଲେଶ୍ୱର ଦୁର୍ଗା ଗାର୍ଡେନ ଠାରେ ଜାତୀୟ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଜାତୀୟ ଉପସଭାପତି, ଓଡ଼ିଶା ଶାଖାର ସଭାପତି ତଥା ପ୍ରାକ୍ତନ ସାଂସଦ ଡକ୍ଟର ରାମଚନ୍ଦ୍ର ଖୁଂଟିଆଙ୍କ ପୌରାହିତରେ ଅନୁଷ୍ଠିତ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଆଂଚଳିକ ସମ୍ମିଳନୀରେ ନିଷ୍ପତି ନିଆଯାଇଛି । ଏହି ସମ୍ମିଳନୀରେ ଏ.ଆଇ.ଟି.ୟୁ.ସି., ସି.ଆଇ.ଟି.ୟୁ., ଏଚ.ଏମ୍.ଏସ୍. ଏ.ଆଇ.ସି.ସି.ଟି.ୟୁ ପ୍ରଭୃତି ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନକୁ ଶ୍ରମିକ କର୍ମଚାରୀ ବିରୋଧି ବି.ଜେ.ପି. ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇ କଂଗ୍ରେସ ଦଳର ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ନିବେଦନ କରାଯାଇଛି । ଏହି ସମ୍ମିଳନୀକୁ ବିଧିବଧ ଭାବେ ଉଦ୍‌ଘାଟନ କରି ଅଖିଳ ଭାରତ କଂଗ୍ରେସ କମିଟିର ସାଧାରଣ ସଂପାଦକ ତଥା ସାଂସଦ ଡକ୍ଟର ଏ. ଚେଲ୍ଲା କୁମାର କହିଥିଲେ ଯେ, ରାଷ୍ଟ୍ରୀୟ ମଜଦୁର କଂଗ୍ରେସ କେବଳ ଭାରତ ନୁହେଁ ସାରା ପୃଥିବୀରେ ବୃହତମ ଶ୍ରମିକ ସଂଗଠନ । ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଭାରତ ବର୍ଷରେ ପ୍ରଣିତ ସମସ୍ତ ଶ୍ରମ ଆଇନ ଗୁଡ଼ିକୁ ପ୍ରଣୟନ କରିବା ପାଇଁ ମୁଖ୍ୟ ଭୂମିକା ନେଇଥିଲେ । ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ରାଜନୈତିକ ଦୃଷ୍ଟି କୋଣରୁ କଂଗ୍ରେସକୁ ସମର୍ଥନ କରୁଥିଲେ ହେଁ ଶ୍ରମିକ କର୍ମଚାରୀଙ୍କ ସ୍ୱାର୍ଥ ପାଇଁ କଂଗ୍ରେସ ସରକାରଙ୍କ କାର୍ଯ୍ୟକୁ କେବେ ପ୍ରତିବାଦ କରିବା ପାଇଁ ପଛାଇ ନାହିଁ । ଏଣୁ ଏହି ପରିପ୍ରେକ୍ଷୀରେ ଶ୍ରମିକ କର୍ମଚାରୀ ଓ ଚାଷୀ ବିରୋଧି ମୋଦୀ ଓ ନବୀନ ପଟ୍ଟନାୟକଙ୍କ ପ୍ରାର୍ଥୀଙ୍କୁ ବାଲେଶ୍ୱର ଓ ତ୍ରିତୋଲରୁ ହରାଇ କଂଗ୍ରେସ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ନିବେଦନ କରିଥିଲେ । ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶ୍ରୀଯୁକ୍ତ ନିରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବରେ ଏହି ସଭାରେ ଉଦ୍‌ବୋଧନ ଦେଇ କହିଥିଲେ ଯେ, ବାଲେଶ୍ୱରର ସମସ୍ତ ଉନ୍ନୟନ କାର୍ଯ୍ୟ ଓ କଳକାରଖାନା କେବଳ କଂଗ୍ରେସ ସମୟରେ ହିଁ ହୋଇଛି । ଅନ୍ୟ କୌଣସି ଦଳର ବାଲେଶ୍ୱର ସହରର ଉନ୍ନୟନ ପାଇଁ କିଛି ଅବଦାନ ନାହିଁ ଏବଂ କଂଗ୍ରେସ ପ୍ରାର୍ଥୀ ମମତା କୁଣ୍ଡୁ ଜଣେ ଦକ୍ଷ ନାରୀ ନେତ୍ରୀ, ତେଣୁ ତାଙ୍କୁ ବିପୁଳ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ । ରାଜ୍ୟ ବିଧାନ ସଭା ଶ୍ରୀ ତାରା ବାହିନୀ ପତି, ବିଧାୟକ, ଶ୍ରୀ ସପ୍ତଗିରି ଉଲ୍ଲାକା, କୋରାପୁଟ ସାଂସଦ, ଶ୍ରୀଯୁକ୍ତ ପ୍ରଦୀପ ମାଝୀ, ପ୍ରାକ୍ତନ ସାଂସଦ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ଓ ସୁଦର୍ଶନ ଦାସ ପ୍ରମୁଖ ଏହି ସଭାରେ ଉଦ୍‌ବୋଦନ ଦେଇ କଂଗ୍ରେସ ପ୍ରାର୍ଥୀନୀ ଶ୍ରୀମତୀ ମମତା କୁଣ୍ଡୁଙ୍କୁ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ । କଂଗ୍ରେସ ପ୍ରାର୍ଥୀନୀ ଶ୍ରୀମତୀ ମମତା କୁଣ୍ଡୁ ଏହି ସଭାରେ ଉଦ୍‌ବୋଧନ ଦେଇ ବାଲେଶ୍ୱର ସହରର ସମସ୍ତ କାର୍ଯ୍ୟ କରିବା ସଂଗେ ସଂଗେ ବି.ଜେ.ଡ଼ି ଓ ବି.ଜେ.ପି ସରକାର ବାଲେଶ୍ୱର ଅଧିବାସୀଙ୍କ ଆଶା ଆକାଂକ୍ଷା ପୂର୍ଣ୍ଣ କରିବା ପାଇଁ ସଂପୂର୍ଣ୍ଣ ବିଫଳ ହୋଇଥିବାରୁ ୩ ବର୍ଷ ତାଙ୍କୁ ସୁଯୋଗ ଦେବା ପାଇଁ ବିନମ୍ର ନିବେଦନ କରିଥିଲେ । ଡକ୍ଟର ଖୁଂଟିଆ, ପୂର୍ବତନ ସାଂସଦ ଏହି ସଭାରେ ପୌରାହିତ କରି ବାଲେଶ୍ୱର ଜିଲ୍ଲା ସଦର ମହକୁମା ମେଡ଼ିକାଲ କଲେଜ ଏବଂ ଇକ୍ଷକ୍ଷଗଝ ର ପ୍ରସ୍ତାବ କଂଗ୍ରେସ ସରକାର ସମୟରେ ଗୋଲାବ ନବୀ ଆଜାଦ ଘୋଷଣା କରିଥିଲେ ଏବଂ ଡକ୍ଟର ଖୁଂଟିଆ ନିଜେ ଇଓଓଗଝ ର ସଦସ୍ୟ ଥିଲେ । ଯାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତାର ଜ୍ୱଳନ୍ତ ନିଦର୍ଶନ । ଏହି ସଭାରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ସାଧାରଣ ସଂପାଦକ କିଶୋର ଜେନା, ଉପସଭାପତି ମଦନ ମୋହନ ଧଳ, ବିଦ୍ୟାଧର ମହାନ୍ତି, କୋଷାଧ୍ୟକ୍ଷ ଧରଣୀ ଧର ସ୍ୱାଇଁ, ଯୁଗ୍ମ ସଂପାଦକ ଅକ୍ଷୟ ତ୍ରିପାଠୀ, ପ୍ରଣତୀ ମିଶ୍ର, ସୁରେଶ ବେହେରା, ବାସନ୍ତୀ ସାମଲ, ବିକାଶ ଦାସ, ରଘୁନାଥ ମାଝୀ, ପରାମାନନ୍ଦ ସେଠୀ, ବିଷ୍ଣୁ ରଥ, ବିଜୟ ଦ୍ୱିବେଦୀ, ବିଜୟ ବୋଇତଇ, ଚନ୍ଦ୍ରକାନ୍ତ ଖଣ୍ଡେଇ ଓ ରମାକାନ୍ତ ଗାହାଣ ପ୍ରମୁଖ ଯୋଗଦେଇଥିଲେ ।

## ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତ୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ । କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀକୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରି କରାଯାଇଛି ।

## ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଟା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ । ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ । ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା । ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା । ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି । ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି । ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି ।

## କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱୀନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ । ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

## ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକ ତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ୍ୟ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।




2023-2024

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Tuesday April 09, 2024 | ଭୁବନେଶ୍ୱର ମଙ୍ଗଳବାର, ଅପ୍ରେଲ ୦୯,୨୦୨୪ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



## ଲିଜ୍ ଧାରୀଙ୍କ ମନମାନି ପାଇଁ ଦୁର୍ଘଟଣାର ସୀକାର ହେଉଛନ୍ତି ପଥଚାରୀ

ଜେନାପୁର,(ପି.ଏନ୍) ରାଜ୍ୟର ସମସ୍ତ ଲିଜ୍ ଧାରୀଙ୍କ ପାଇଁ ବାଲି ଉତ୍ତୋଳନର ଆଇନଗତ ନୀତି ନିୟମ ଥିବା ବେଳେ ଏହାକୁ ବେଖାତିର୍ କରି ନିୟମର ଉର୍ଦ୍ଧ୍ୱରେ ବାଲିଚାଲଣା ହେଉଥିବାର ଅଭିଯୋଗ ହେଉଛି । ଯାହାକି ସର୍ବସାଧାରଣ ସ୍ଥାନରେ ଦିନ ବେଳା ବାଲି ପରିବହନ କରାଯାଇ ପାରିବ ନାହିଁ ନିୟମ ଥିଲା ବେଳେ ବେଖାତିର୍ ଭାବେ ବେଧଡକ ଚାଲିଛି ବାଲି ଉତ୍ତୋଳନ । ବାଲି ଉତ୍ତୋଳନ କରିବା ପାଇଁ ହାଇକୋର୍ଟଙ୍କ ପକ୍ଷରୁ ଏଭଳି କଡା ନିର୍ଦ୍ଦେଶ ରହିଛି । କିନ୍ତୁ ଏହା ଉପରେ ଶତ ପ୍ରତିଶତ ପ୍ରତିବନ୍ଧକ ଲଗାଇବାକୁ ହାଇକୋର୍ଟ ନିର୍ଦ୍ଦେଶରେ ସ୍ପଷ୍ଟ କରି ବେଆଇନ ବାଲି ପରିବହନକୁ ନେଇ ଦାୟର ହୋଇଥିବା ମାମଲା ଉପରେ ହାଇକୋର୍ଟ ପୁନଃଛେଦ ପକାଇଥିଲେ । ସକାଳ ୭ଟା ରୁ ରାତ୍ର ୯ ଘଟିକା ପର୍ଯ୍ୟନ୍ତ ରାଜ୍ୟର କୌଣସି ସ୍ଥାନରେ ବାଲି ଉତ୍ତୋଳନ କରାଯାଇ ପାରିବ ନାହିଁ । ହାଇକୋର୍ଟ ରାୟ କରିଥିବା ବେଳେ ଏହାର ବିପରୀତ ଦୃଶ୍ୟ ଦେଖିବାକୁ ମିଳିଛି ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳର ଅଧୀନ ମର୍ଜିତାପୁର ବାଲି ଘାଟ ହେଉଛି ଏହାର ବଡ଼ ଉଦାହରଣ । ଘାଟକୁ ପ୍ରଶାସନ ପକ୍ଷରୁ ଲିଜ୍ ଦିଆଯାଇଛି । ବାଲି ଉତ୍ତୋଳନ ପୂର୍ବରୁ ଏହି ଜାଗାକୁ ପ୍ରଶାସନ ପକ୍ଷରୁ ପିଲାର ପୋଷ୍ଟିଙ୍ଗ କିମ୍ବା ସୂଚନା ଫଳକ ଲଗାଯିବାର ନିୟମ ରହିଛି । କିନ୍ତୁ ତାହା ଏଠାରେ ଦୃଶ୍ୟମାନ ହେଉନାହିଁ । ଏଠାରେ କିନ୍ତୁ କୋର୍ଟଙ୍କ ରାୟ ପାଳନ କରୁନାହାଁନ୍ତି ଲିଜଧାରୀ । ପ୍ରଶାସନର ଅବହେଳା ନାଁ ଲିଜଧାରୀଙ୍କ ମନମାନୀରେ ଚାଲିଛି ବାଲି ଉତ୍ତୋଳନ । ଲିଜଏରିଆ ବାହାରୁ ବାଲି ଉତ୍ତୋଳନ ହେଉଥ ?ବା ଅଭିଯୋଗ ହେଉଛି । ଯାହା ଫଳରେ କୋଟି କୋଟି ଟଙ୍କାର ରାଜସ୍ୱ ହରାଇବାକୁ ପଡୁଛି ସରକାରଙ୍କୁ । ଯାହାକି ଏହି ଘାଟ ଦୀର୍ଘଦିନ ହେବ ରାତି ଦିନ ବେଧଡ଼କ ଭାବରେ ଦୁଇ ଦୁଇଟି ମେସିନ ଲଗାଇ ବାଲି ପରିବହନ କରାଯାଉଛି । ଏହା ଉପରେ କେବେ ହେଲେ ନଜର ପଡୁନାହିଁ ବିଭାଗୀୟ ଅଧିକାରୀଙ୍କର ନାଁ ଜାଣି ଅଜଣା ଅଧିକାରୀ ଭଳି ସମସ୍ତଙ୍କୁ ଚକିତ କରୁଛି । ବାଲିଘାଟକୁ କେବେ ବିଭାଗୀୟ ଅଧିକାରୀ ମାନେ ଚଢ଼ାଉ କରିବାକୁ ଆସନ୍ତି ନାହିଁ । ଦାୟିତ୍ୱରେ ଥିବା ବଡ଼ପଣ୍ଡା ବାବୁଙ୍କ ଦାୟିତ୍ୱ ହୀନତା ପାଇଁ ଲିଜଧାରୀ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ପାଳନ କରୁନାହାଁନ୍ତି । ଦାୟିତ୍ୱ ନିର୍ବାହ କରୁଥିବା ଅଧିକାରୀ ଲିଜଧାରୀଙ୍କ ସହିତ ସୁସମ୍ପର୍କ ରଖି ବାଲି ଉତ୍ତୋଳନ କରାଯାଉଥିବା ଅଭିଯୋଗ ହେଉଛି । ଦିନବେଳା ବାଲି ପରିବହନ କରିବାକୁ ନିୟମ ନଥିବା ବେଳେ ଲିଜଧାରୀ ଗାଡି ମାନଙ୍କରେ ବାଲି ପରିବହନ କରୁଛନ୍ତି ତାହା ଆଶ୍ଚର୍ଯ୍ୟ କରୁଛି । ଯାହା ଦ୍ୱାରା କବାଟବନ୍ଧ ବଜାର ଏକ ବାଣିଜ୍ୟର ପେଣ୍ଠସ୍ଥଳୀ । ଏହି ବଜାରର ରାସ୍ତା ଅଣ ଓସାରିଆ ହୋଇଥିବାରୁ ଅନେକ ସମୟରେ ଏହି ବଜାର ଗହଳି ରହିଥାଏ । ଦିନବେଳା ବାଲି ଗାଡି ଆସି ରାସ୍ତାକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଯାମ କରି ରଖୁଥାଏ । ଅନେକ ସମୟରେ ବାଲି ଗାଡି ଓଭର ଲୋଡିଙ୍ଗ୍ ହୋଇ ରାସ୍ତା ଯିବା ଦ୍ୱାରା ବାଲି ରାସ୍ତା ଉପରେ ଗଦା ହୋଇ ପଡିରହୁଛି । ରାସ୍ତା ଉପରୁ ବାଲି ହଟା ଯାଉନାହିଁ । ଯାହା ଦ୍ୱାରା ବାଇକରେ ଯାତାୟାତ କରୁଥିବା ପଥଚାରି ମାନଙ୍କର ଆଖି କାନରେ ପସି ସମସ୍ୟା ହେଉଛି । ଏହି ସମସ୍ୟାକୁ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଖୁବ୍ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଞ୍ଚଳବାସୀ ଦାବୀ କରିଛନ୍ତି ।

## ଓଡିଏମ ଗ୍ଲୋବାଲ ସ୍କୁଲ ଷ୍ଟକଗ୍ରୋ ଚୁକ୍ତି

ଭୁବନେଶ୍ୱର,(ପି.ଏନ): ଓଡିଏମ ଗ୍ଲୋବାଲ ସ୍କୁଲ ଏବଂ ଆର୍ଥିକ ଶିକ୍ଷା ଅନୁଷ୍ଠାନ ଷ୍ଟକଗ୍ରୋ ଚୁକ୍ତିରେ ସାମିଲ ହୋଇଛନ୍ତି । ଏଥି ସହିତ ନିକଟରେ ଓଡିଏମ ଗ୍ଲୋବାଲ ସ୍କୁଲରେ ଛାତ୍ରଛାତ୍ରୀଙ୍କ ପାଇଁ ୪ ଦିନିଆ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଛାତ୍ରଛାତ୍ରୀ ଏବଂ ଶିକ୍ଷାଦାତାଙ୍କୁ ବିତ୍ତିୟ ଜ୍ଞାନ ପ୍ରଦାନ ଦିଗରେ ଏହି ଚୁକ୍ତି ଅନ୍ତର୍ଗତ ବ୍ୟାପକ କାର୍ଯ୍ୟକ୍ରମ ଗ୍ରହଣ କରାଯିବ । ୪ ଦିନିଆ କର୍ମଶାଳାରେ ଷ୍ଟକ ଗ୍ରୋର ଅତିଥି ବିଶେଷଜ୍ଞଙ୍କ ଦ୍ୱାରା ୨ ଦିନିଆ ଲେକଚର କାର୍ଯ୍ୟକ୍ରମ ସହ ରିୟଲ ଟାଇମ ଟ୍ରେଡିଂ ସେସନର ଅଭିଜ୍ଞତା ପ୍ରଦାନ କରାଯାଇଥିଲା । ଏହି ଅବସରରେ ଓଡିଏମ ଗ୍ଲୋବାଲ ସ୍କୁଲର ପ୍ରିନ୍ସପାଲ ଶୈଳେନ୍ଦ୍ର କୁମାରୀ କହିଛନ୍ତି, ଏଭଳି ପଦକ୍ଷେପ ଛାତ୍ର ଛାତ୍ରୀଙ୍କୁ ଆର୍ଥିକ ସଫଳତା ଦେବାରେ ସହାୟକ ହେବ । ଷ୍ଟକ ଗ୍ରୋ ପ୍ରତିଷ୍ଠାତା ଅଜୟ ଲାଖୋଟିଆ କହିଛନ୍ତି, ଏଭଳି ସହଭାଗିତା ଛାତ୍ରଛାତ୍ରୀଙ୍କ ଲାଗି ବିଶେଷ ଭାବେ ସହାୟକ ହୋଇ ପାରିବ ।

## ମିଶନ ଶକ୍ତିରେ ଚାନ୍ଦା ଆଦାୟ



କାକଟପୁର,(ପି.ଏନ): କାକଟପୁର ବ୍ଲକ ଅନ୍ତର୍ଗତ କୁରୁଜଙ୍ଗ ପଞ୍ଚାୟତର ମିଶନ ଶକ୍ତି ଦ୍ୱାରା ପରିଚାଳିତ ମହାସଂଘରେ ବିଭିନ୍ନ ଯୋଜନାର ଫାଇଦା ଉଠାଇବାକୁ ମହିଳା ଗ୍ରୁପ ଙ୍କ ଠାରୁ ଚାନ୍ଦା ଆଦାୟ ହେଉଥିବା ନେଇ ସାଙ୍ଘାତିକ ଅଭିଯୋଗ ହୋଇଛି । ଏନେଇ କେତେକ ମହିଳା ସଙ୍ଘ ପକ୍ଷରୁ କାକଟପୁର ବ୍ଲକ ବିଡ଼ିଓ, ଶିଶୁ କଲ୍ୟାଣ ଉନ୍ନୟନ ଅଧିକାରୀ, ଓଡିଶା ଜୀବନ ଜୀବିକା ମିଶନ ଓ ବ୍ଲକ୍ ଅଧକ୍ଷଙ୍କୁ ଲିଖିତ ଅଭିଯୋଗ ହୋଇଛି । ଅଭିଯୋଗ ମୁତାବକ ମହିଳା ମହାସଂଘ ନିର୍ଦ୍ଦେଶରେ କେତେକ ସିଆରପି ଓ ଇସି ସଭ୍ୟା ଚାନ୍ଦା ଆଦାୟ କରୁଛନ୍ତି । ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗରୁ ବିଭିନ୍ନ ଯୋଜନାରେ ଆସୁଥିବା ଅର୍ଥ ଓ ଆବଶ୍ୟକ ସ୍କିମ୍ ଗୁଡ଼ିକର ଫାଇଦା ଉଠାଇବାକୁ ମହିଳା ଗ୍ରୁପ ଙ୍କ ଠାରୁ ଚାନ୍ଦା ଆଦାୟ ହେଉଥିବା ନେଇ ଅଭିଯୋଗ ହୋଇଛି । ଡ୍ରେସ୍ କୋଡ ତଥା ଶାଢୀ କିଣିବାକୁ ଆସୁଥିବା ପଇସା ପାଇଁ ଗ୍ରୁପ୍ ପିଛା ୨୦୦ଟଙ୍କା ଲେଖାଏଁ ଆଦାୟ କରାଯାଉଛି । ଏନେଇ କୁରୁଜଙ୍ଗ ପଞ୍ଚାୟତ ଯମରା ଗ୍ରାମର ଦୁଇଟି ମହିଳା ଗୋଷ୍ଠୀ ଶୁନ୍ୟବ୍ରହ୍ମ ମହିଳା ଗ୍ରୁପ ଓ ଜନନୀ ସ୍ୱୟଂ ସହାୟକ ଗୋଷ୍ଠୀ ଲିଖିତ ଅଭିଯୋଗ କରିଛନ୍ତି । ଏଥି ସହିତ ଶାଢ଼ୀ କିଣା ବାବଦରେ ଯଦି ଅଧିକ ଅର୍ଥ ଆସି ଯାଇଛି ତାକୁ ତୁରନ୍ତ ଉଠାଇ ଆମକୁ ଦିଅ ବୋଲି ଦାବି କରୁଛନ୍ତି । ଆବଶ୍ୟକ ସ୍କିମ୍ ଗୁଡ଼ିକର ଫାଇଦା ପାଇଁ ମଧ୍ୟ ହାତ ଗୁଞ୍ଜା ଟଙ୍କା ନେଉଛନ୍ତି ବୋଲି ମହିଳା ମାନେ ଦାବି କରିଛନ୍ତି । ମହିଳା ମହାସଂଘର ନିର୍ଦ୍ଦେଶରେ କେତେକ ସିଆରପି ଓ ଇସି ମେମ୍ବର୍ ଏପରି କରୁଥିବା ଅଭିଯୋଗ ଉଠାଇଛନ୍ତି ମହିଳା ମାନେ । ମିଶନ ଶକ୍ତି ପକ୍ଷରୁ ସିଆରପି ଓ ଇସି ମେମ୍ବର୍ ମାନଙ୍କ ପାଇଁ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଥିବା ବେଳେ ଟଙ୍କା ଟିଏ ବି ଲାଞ୍ଚ ନେବା ପାଇଁ କୌଣସି ବ୍ୟବସ୍ଥା ନଥିବା ବେଳେ କେତେକ ଅସାଧୁ ସିଆରପି ଓ ଇସି ମେମ୍ବର୍ ଟଙ୍କା ଆଦାୟ କରୁଛନ୍ତି । ଯାହା ଦ୍ୱାରା ମିଶନ ଶକ୍ତି ବଦନାମ୍ ହେଉଛି । ତେଣୁ ଏହାକୁ ଗୁରୁତ୍ୱ ଦେଇ ତଦନ୍ତ କରାଯାଇ ସଂପୃକ୍ତ ମେମ୍ବରଙ୍କ ଓ କର୍ମୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କାକଟପୁର ବିଡ଼ିଓ, ବ୍ଲକ୍ ଅଧକ୍ଷ, ସିଡିପିଓ, ଓ ଏଲ୍ ଏମ ବିଭାଗ, ପୁରୀ ଜିଲ୍ଲାପାଳ, ମିଶନ ଶକ୍ତି ନିର୍ଦ୍ଦେଶିକାଙ୍କ ନିକଟରେ ମହିଳା ମାନେ ଦାବି ଜଣାଇଛନ୍ତି । ଏନେଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟା ଗୀତାଞ୍ଜଳି ବିଶ୍ୱାଳ, ସୋଭାରାଣୀ ବିଶ୍ୱାଳ, ମିନା ରାଣୀ ବିଶ୍ୱାଳ, ସ୍ୱର୍ଣ୍ଣ ଲତା ବିଶ୍ୱାଳ, ଋତୁପର୍ଣ୍ଣା ବିଶ୍ୱାଳ, ସସ୍ମିତା ବିଶ୍ୱାଳ, ସୁପ୍ରିୟା ବିଶ୍ୱାଳ, ମିଲି ବିଶ୍ୱାଳ, ରିତୁପର୍ଣ୍ଣା ବିଶ୍ୱାଳଙ୍କ ସହ ୨୦ରୁ ଉର୍ଦ୍ଧ୍ୱ ମହିଳା ଲିଖିତ ଅଭିଯୋଗ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି । ନଚେତ୍ ଆଗାମୀ ଦିନରେ ବ୍ଲକ୍ ପରିସରରେ ଅନଶନ କରିବାକୁ ଚେତାବନୀ ଦେଇଛନ୍ତି ।

## ଶ୍ରୀରାମ ଚରିତ ମାନସ ତ୍ରିଂଶତମ ବାର୍ଷିକ ଜନ୍ମମହୋତ୍ସବ ଉପଲକ୍ଷେ ପ୍ରସ୍ତୁତି



ଦର୍ପଣ,(ପିଏନ୍) : ଚଣ୍ଡିଖୋଲ ଛକ ସନ୍ନିକଟ କଂଟିଗଡ଼ିଆ ଗ୍ରାମ ଶ୍ରୀଶ୍ରୀ ମଧୁକେଶ୍ୱର ପ୍ରାଙ୍ଗଣରେ ଶ୍ରୀଶ୍ରୀ ରାମଚରିତ ମାନସ ତ୍ରିଂଶତମ ବାର୍ଷିକ ଜନ୍ମମହୋତ୍ସବ ଆସନ୍ତା କାଲି ୯ତାରିଖ ଠାରୁ ଆରମ୍ଭ ହୋଇ ୧୮ତାରିଖରେ ଶେଷ ହେବା ପାଇଁ ନିଷ୍ପତ୍ତି ନିଆଯାଇଅଛି । ଆସନ୍ତା ୯ ତାରିଖ ମଙ୍ଗଳବାର ପ୍ରାତଃ ସମୟରେ ସୂର୍ଯ୍ୟପୂଜା,ଗୋପୂଜା ବିଗ୍ରହମାନଙ୍କର ଷୋଡ଼ଶ ଉପଚାରପୂଜା, ସନ୍ଥ ତୁଳସୀଦାସଙ୍କ ରଚିତ ଶ୍ରୀରାମଚରିତ ମାନସ ପାରାୟଣ କରାଯିବ । ବ୍ୟାସ ଭାବେ ବଡ଼ ଆଖଡ଼ା ମଠ ପୁରୀର ପଣ୍ଡିତ ପ୍ରଭୁପାଦ ରଥ ସହଯୋଗୀ ଭାବେ ପଣ୍ଡିତ କମଳ ଲୋଚନ ପଣ୍ଡା ଯୋଗଦେଇ ପ୍ରତ୍ୟେହ ଦିବା ୯ଘଟିକା ସମୟରେ ପାରାୟଣ ପୂଜା କରିବେ । ଆସନ୍ତା ୧୨ ତାରିଖ ଶୁକ୍ରବାର ସଂଧ୍ୟା ୭ଘଟିକା ସମୟରେ ରାମ କଥା ଉଦ୍‌ଘାଟନ ହେବ । ଉଦ୍‌ଘାଟକ ଭାବେ ବାଲିଗୁହାଳୀ ଆଶ୍ରମ ଡ଼ିଭାଇନ ସୋସାଇଟି ପୁରୀର ମୁଖ୍ୟବାବା ସନ୍ତଜିତ୍ ମହାନନ୍ଦ ସରସ୍ୱତୀ ଯୋଗଦେବେ । ମୁଖ୍ୟଅତିଥି ଭାବେ କିସ୍ ଓ ତିରୁପତି ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡ଼ ହରେକୃଷ୍ଣ ଶତପଥୀ ମୁଖ୍ୟବକ୍ତା ଭାବେ, ପଣ୍ଡିତ ହୃଷିକେଶ ରଥଶର୍ମା, ସମ୍ମାନିତ ଅତିଥି ଭାବେ ମାନସ ଗଣେଶ ପଣ୍ଡିତ ବୀରେନ୍ଦ୍ର ଶତପଥୀ ଓ ପଣ୍ଡିତ ଗଣନାଥ ରଥଶର୍ମା ପ୍ରମୁଖ ଯୋଗଦେବାପାଇଁ ନିଷ୍ପତି ନିଆଯାଇଅଛି । ୧୩ତାରିଖ ଓ ୧୪ତାରିଖ ସଂଧ୍ୟା ୭ଘଟିକା ସମୟରେ ପ୍ରବଚକ ପଣ୍ଡିତ ପ୍ରମୋଦ କୁମାର ପଣ୍ଡା, ୧୫.୦୪ରେ ପ୍ରବଚକ ପଣ୍ଡିତ ମାନସ ମଙ୍ଗଳ ପଦ୍ମନାଭ ତ୍ରିପାଠୀ, ୧୬ତାରିଖ ଓ ୧୭ତାରିଖ ବାବା ସନ୍ତୋଷ ଚୈତନ୍ୟ ବ୍ରହ୍ମଚାରୀ ଯୋଗଦେବା ପାଇଁ ପ୍ରତିଶ୍ରୁତି ଦେଇଅଛନ୍ତି । ୧୮ତାରିଖଗୁରୁବାର ପୂର୍ବାହ୍ଣ ୯ଘଟିକା ସମୟରେ ୧୦୮ ହନୁମାନ ଚାଳିଷା ପାଠ ସଂଧ୍ୟା ସମୟରେ ଭଜନସଂଧ୍ୟା କାର୍ଯ୍ୟକ୍ରମ ରହିଅଛି । ୧୬/୦୪ ଠାରୁ ୧୮/-୪ ପର୍ଯ୍ୟନ୍ତ ଶ୍ରୀରାମଲୀଳା ନାଟକ ରାତ୍ର ୧୧ଘଟିକା ସମୟରୁ ଆରମ୍ଭ କରାଯିବ ଓ ପ୍ରତ୍ୟେକ ସଂଧ୍ୟାରେ ମା ଜାଗୁଳାଇ କିର୍ତ୍ତୀନମଣ୍ଡଳୀଙ୍କ ଦ୍ୱାରା ଭଜନ କିର୍ତ୍ତନ କରାଯିବା ପାଇଁ ନିଷ୍ପତି ନିଆଯାଇଅଛି ।ଲ ଉକ୍ତ ରାମଚରିତ ମାନସ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ଶ୍ରୀରାମ ଜନ୍ମମେହାତ୍ସବ କମିଟି ମଧୁକେଶ୍ୱର ପୀଠ କଂଟିଗଡ଼ିଆ ପକ୍ଷରୁ ଅନୁରୋଧ କରାଯାଇଅଛି ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V

25% reservation as per RTE Act (2009)

FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

## ରାଜ୍ୟ କଂଗ୍ରେସର ନିର୍ବାଚନ ପ୍ରଚାର ପାଇଁ ଏଲ୍.ଇ.ଡ଼ି ଭ୍ୟାନ ଉଦ୍‌ଘାଟିତ

ଭୁବନେଶ୍ୱର, (ପି.ଏନ): ରାଜ୍ୟରେ ୨୪ ବର୍ଷର ନବୀନ ସରକାରଙ୍କ ଅସଫଳତା ଓ ୧୦ ବର୍ଷର ମୋଦୀ ସରକାରଙ୍କ ବିଫଳତା ସଂପର୍କରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଏଲ୍.ଇ.ଡ଼ି ଭ୍ୟାନର ଉଦ୍‌ଘାଟନ କରାଯାଇଛି । ଘରେ ଘରେ ଉଭୟ ସରକାରଙ୍କର ଅପାରଗତା, ଦୁର୍ନୀତି ଓ ଭ୍ରଷ୍ଟାଚାର ସଂପର୍କରେ ଜନସାଧାରଣଙ୍କ ଅବଗତ କରିବା ପାଇଁ ଦଳ ପକ୍ଷରୁ ଏପରି ଏକ ଅଭିନୟ ପ୍ରୟାସ ଆରମ୍ଭ କରାଯାଇଅଛି । ଦେଶ ନିର୍ମାଣରେ କଂଗ୍ରେସର ଭୂମିକା ଅନନ୍ୟ ହୋଇଥିବାବେଳେ ବିଜେଡ଼ି ଓ ବିଜେପି ପକ୍ଷରୁ ଯେପରି ଭାବରେ କୁତ୍ସାରଟନା କରାଯାଉଛି ତା'ର ସତ୍ୟତାକୁ ସାଧାରଣ ଜନତାଙ୍କ ନିକଟରେ ପହଂଚାଇବା ପାଇଁ ଦଳ ପକ୍ଷରୁ ଏହି ଏଲ୍.ଇ.ଡ଼ି ଭ୍ୟାନ ବ୍ୟବସ୍ଥା ଆପଣାଯାଇଛି । ଦେଶ ତଥା ରାଜ୍ୟର ମହିଳା, କୃଷକ, ଯୁବକ ଏବଂ ବଂଚିତ ବର୍ଗଙ୍କ ପାଇଁ ନ୍ୟାୟ ସୁନିଶ୍ଚିତ କରିବା କଂଗ୍ରେସର ପ୍ରମୁଖ ଦାୟିତ୍ୱ । ଦଳ ପକ୍ଷରୁ ଦିଆଯାଇଥିବା ଗ୍ୟାରେଂଟି ସଂପର୍କରେ ଜନତାଙ୍କୁ ସଚେତନ କରିବା ଓ ଉଭୟ ସରକାରଙ୍କ ଜନ ବିରୋଧି ନୀତି ବାବଦରେ ଜନସାଧାରଣଙ୍କୁ ସଜାଗ କରିବା ଏହି କାର୍ଯ୍ୟକ୍ରମର ପ୍ରମୁଖ ଆଭିମୁଖ୍ୟ । ଦେଶ ଓ ରାଜ୍ୟରେ ଦେଖା ଦେଇଥିବା ବେକାରୀ ସମସ୍ୟା, ଦରଦାମ୍ ବୃଦ୍ଧି, ମହିଳା ସୁରକ୍ଷା ଓ ଆଇନ ଶୃଙ୍ଖଳା ପରିସ୍ଥିତି ଉଦ୍‌ବେଗଜନକ ସ୍ଥିତିରେ ରହିଛି । ଏହି ଭ୍ୟାନ ରାଜ୍ୟ ରାଜଧାନୀରୁ ଆରମ୍ଭ କରି ପ୍ରତ୍ୟେକ ଜିଲ୍ଲା ସଦର ମହକୁମା, ବ୍ଲକ, ପଂଚାୟତ ଓ ୱାର୍ଡ ମାନଙ୍କୁ ଯାଇ ଉଭୟ ସରକାରଙ୍କ ଅନିତି ଓ ଭ୍ରଷ୍ଟାଚାର ସଂପର୍କରେ ଲୋକଙ୍କୁ ସଚେତନ କରାଇବା ସହିତ କଂଗ୍ରେସ ଦେଇଥିବା ଗ୍ୟାରେଂଟି ଜରିଆରେ ବିଭିନ୍ନ ବର୍ଗଙ୍କ ପାଇଁ ନ୍ୟାୟ ସୁନିଶ୍ଚିତ କରିବା ଲାଗି ଦଳ ପକ୍ଷରୁ ଏହି ବ୍ୟବସ୍ଥା ହାତକୁ ନିଆଯାଇଛି ।

ଏହି କାର୍ଯ୍ୟକ୍ରମରେ ପ୍ରଚାର କମିଟି ଅଧ୍ୟକ୍ଷ ଭକ୍ତଚରଣ ଦାସ, ଏ.ଆଇ.ସି.ସି. ବରିଷ୍ଠ ପର୍ଯ୍ୟବେକ୍ଷକ ତଥା ପୂର୍ବତନ ସାଂସଦ ମୀନାକ୍ଷୀ ନଟରାଜନ, ପୂର୍ବତନ ସାଂସଦ ଡ. ରାମଚନ୍ଦ୍ର ଖୁଂଟିଆ, ଓଡ଼ିଶା ସହପ୍ରଭାରୀ ତଥା ଏ.ଆଇ.ସି.ସି. ସଂପାଦକ ଖ୍ରୀଷ୍ଟଫର ତିଲ୍ଲକ, ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଡ. ବିଶ୍ୱରଂଜନ ମହାନ୍ତି, ଏ.ଆଇ.ସି.ସି. ଗଣମାଧ୍ୟମ ପ୍ରଭାରୀ ବବିତା ଶର୍ମା, ଏ.ଆଇ.ସି.ସି ସହପର୍ଯ୍ୟବେକ୍ଷକ ହର୍ଷବର୍ଦ୍ଧନ ସପକାଲ, ମାନିଫେଷ୍ଟୋ କମିଟି ଅଧ୍ୟକ୍ଷ - ପଂଚାନନ କାନୁନ୍‌ଗୋ, ପୂର୍ବତନ ସାଂସଦ ଅନ' ପ୍ରସାଦ ସେଠୀ, ଉପସଭାପତି ଶିବାନନ୍ଦ ରାୟ, ବରିଷ୍ଠ ନେତା ନବଜ୍ୟୋତି ପଟ୍ଟନାୟକ, କଟକ ଜିଲ୍ଲା ସଭାପତି ମାନସ ଚୌଧୁରୀ, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାସ, ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର, ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ, ସାମାଜିକ ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ଅମୀୟ ପାଣ୍ଡବ, ପବ୍ଲିସିଟି ଚେୟାରମ୍ୟାନ ସଂଜୟ ତ୍ରିପାଠୀ, ଉପସଭାପତି କିଶୋର ଜେନା, ଜନାକୀ ବଲ୍ଲଭ ପଟ୍ଟନାୟକ, ମୁଖପାତ୍ର ମନୋରଂଜନ ଦାସ, ୱାର ରୁମ୍ ସହ ଅଧ୍ୟକ୍ଷ ଲଲାଟେନ୍ଦୁ ଶତପଥି, ସାଧାରଣ ସମ୍ପାଦକ ତରୁଣକା' ମିଶ୍ର, ମାନସ ଆଚାର୍ଯ୍ୟ, ଶ୍ରୀନିବାସ ରାଉତାରାୟ, ଚିନ୍ମୟ ସୁନ୍ଦର ଦାସ, ସାରଦ ପ୍ରସାଦ ପ୍ରଧାନ ଓ ମୁଖପାତ୍ର ରଜନୀ ମହାନ୍ତି, ସୋନାଲୀ ସାହୁ ଓ ଅପର୍ଣ୍ଣାଧିର ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray